**ଲେଖକ ପୁରୁଷୋତ୍ତମ ପଟ୍ଟନାୟକଙ୍କ ପରଲୋକ**

କ,(ଡି.ଏନ୍.ଏ.)- କଟକ ଅଫିସ: ସାରସ୍ୱତ ସଙ୍ଗଠକ, ଲେଖକ ତଥା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ କଳିଙ୍ଗ ଭାରତୀର ସମ୍ପାଦକ ପୁରୁଷୋତ୍ତମ ପଟ୍ଟନାୟକ(୭୮)ଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ସେ କରୋନାରେ ଆକ୍ରାନ୍ତ ହୋଇ ମେ' ୨୪ରୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ସତୀଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶାଳକ ପ୍ରେସ୍ ଫଟୋଗ୍ରାଫର ବଦ୍ରିକାନାଥ ଦାସ ମୁଖାଗ୍ନି ଦେଇଥିଲେ। ଖୋର୍ଦ୍ଧା ଜିଲା ଯାଆଁଳାଠାରେ ଜନ୍ମଗ୍ରହଣ କରିଥିବା ପୁରୁଷୋତ୍ତମ ୧୯୬୫ ମସିହାରୁ କଳିଙ୍ଗ ଭାରତୀ ଅନୁଷ୍ଠାନର ସମ୍ପାଦକ ଭାବେ କାର୍ଯ୍ୟ ନିର୍ବାହ କରିଆସୁଥିଲେ।

# ଭିଡ଼ କଲେ, ବୋହିନେଲେ


ହାଇଟେକ୍ ଛକ କୁଆଖାଇ ବ୍ରିଜ୍ ପାର୍ଶ୍ୱ ମଟନ୍ ମାର୍କେଟରେ ଅସମ୍ଭାଳ ଭିଡ଼।


ରସୁଲଗଡ଼ ଛକରେ ମାଛ କିଣିବାକୁ ଲୋକେ ଧାଡ଼ି ଲଗାଇଛନ୍ତି।

## କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଆମିଷ ବେପାର

ଭୁବନେଶ୍ୱର, ୧୬।୬(ବ୍ୟୁରୋ)

ବାର ଅବାର ଯୋଗୁ ରଜରେ ଟିକେ ପାଟିରେ ଆମିଷ ବାଜି ନ ଥିଲା। ଶେଷ ରଜକୁ ଆମିଷ ବାର ପଡ଼ିଲା। ସୁଯୋଗ ହାତ ଛଡ଼ା ନ କରି ରାଜଧାନୀବାସୀ ରାତି ପାହିଛି କି ନାହିଁ ସିଧା ଆମିଷ ବଜାର ମୁହାଁ ହୋଇଥିଲେ। କିଛି ନ ମାନି ମାଛ, ମାଂସ ଦୋକାନରେ ପ୍ରବଳ ଭିଡ଼ କରି ବୋହି ନେଇଥିଲେ। ପୂର୍ବାହ୍ନ ୧୧ଟା ମଧ୍ୟରେ ସହରରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଆମିଷ ବେପାର ହୋଇଥିଲା। ହେଲେ ସବୁଠି କୋଭିଡ୍ କଟକଣା ଉଲ୍ଲଂଘନ କରାଯାଇଥିଲା। ପୋଲିସ ଉପସ୍ଥିତିରେ ବି କାହା ମଧ୍ୟରେ ସାମାଜିକ ଦୂରତ୍ୱ ନ ଥିଲା। ଠେଲାପେଲା ହୋଇ ମାଛ, ମାଂସ କିଣୁଥିବା ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ପୋଲିସ ବଳ ପ୍ରୟୋଗ କରିଥିବାବେଳେ ବିଏମ୍ସି ଓ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବ୍ୟବସାୟୀ ଓ ଗ୍ରାହକଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲେ ମଧ୍ୟ ଭିଡ଼ ଭାଙ୍ଗି ନ ଥିଲା।

ବିଏମ୍ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି, ମହାମାରୀ ଯୋଗୁ ଲୋକେ ନାନା ସମସ୍ୟାରେ ଦିନ କାଟୁଛନ୍ତି। ହେଲେ ଅମାନିଆମାନେ ହାଟ ବଜାରରେ ଭିଡ କରୁଛନ୍ତି। ବିଏମ୍ସିର ଜୋନ୍ କମିଶନର ଓ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଇଛି ବୋଲି ସେ କହିଛନ୍ତି। ଡିସିପି ଉମାଶଙ୍କର ଦାଶ କହିଛନ୍ତି, ନିୟମ ଉଲ୍ଲଂଘନ ହେଉଥିବା ଦେଖିଲେ ଆମର ବିଭିନ୍ନ ଥାନାର ଅଧିକାରୀ ଓ ସ୍ୱତନ୍ତ୍ର ଟିମ୍ ପଦକ୍ଷେପ ନେଉଛନ୍ତି। ଶେଷ ରଜ ଓ ଆମିଷ ବାର ଏକା ସାଙ୍ଗରେ ପଡିଥିବାରୁ ଟିକେ ଭିଡ଼ ଅଧିକ ରହିଥିବା ଦେଖିବାକୁ ମିଳିଛି ବୋଲି ସେ କହିଛନ୍ତି।


ୟୁନିଟ୍-୪ ଆମିଷ ବଜାରରେ ସାମାଜିକ ଦୂରତା ନାହିଁ।

## ମଟନ ୮୦୦କୁ ମାଛ ୭୦୦

ଭୁବନେଶ୍ୱରର ପ୍ରମୁଖ ଆମିଷ ବଜାର ଭୌମନଗର ହାଟ ( ୟୁନିଟ-୪ ମାଛ ମାର୍କେଟ), ୟୁନିଟ-୮, ଶିରିପୁର ଛକ, ରୁଚିକା ମାର୍କେଟ, ଜୟଦେବ ବିହାର, ସୁନ୍ଦରପଦା, ରବି ଟକିଜ, ଟଙ୍କପାଣି ରୋଡ୍, ପଟିଆ, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, କିଟ୍ ଛକ, ଭିଏସଏସ ନଗର, ପଳାଶପଲ୍ଲୀ, ରସୁଲଗଡ, ବମିଖାଲ, ବରମୁଣ୍ଡା, ଝାରପଡା, ପଳାଶୁଣୀ ଓ ପାତ୍ରପଡା ଆଦି ୧୦୦ରୁ ଊର୍ଦ୍ଧ୍ୱସ୍ଥାନରେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା। ପୋଲିସର ଉଦାସୀନତା ଯୋଗୁ ରଜ ଭିତର ଫାଇଦା ଉଠାଇ ଥିଲେ ଆମିଷ ବ୍ୟବସାୟୀ। କେଉଁଠି ମଟନ କେଜି ପିଛା ୭୫୦ ଟଙ୍କା ଥିଲା ତ କେଉଁଠି ୮୦୦ ଓ ଶେଷବେଳକୁ ୭୦୦ ଟଙ୍କାରେ ବିକ୍ରି କରାଯାଇଥିଲା। ସେହିଭଳି ଚିକେନ ୨୦୦ରୁ ୩୫୦, ବିଭିନ୍ନ ପ୍ରକାର ମାଛ ୧୫୦ ରୁ ୭୦୦, ଚିଙ୍ଗୁଡ଼ି ୩୦୦ ରୁ ୫୦୦, ଅଣ୍ଡା ୧୨ ଟାକୁ ୮୦ରେ ବିକ୍ରି ହେଉଥିଲା। ଏବର୍ଷ ମଧ୍ୟ ରଜରେ ଆମିଷ ବେପାର ଭଲ ହୋଇଥିଲା। ଭୁବନେଶ୍ୱର ପ୍ରାୟ ୧.୨ କୋଟି ଟଙ୍କାର କାରବାର ହୋଇଥିବାବେଳେ ମଟନ ପ୍ରାୟ ୭୦ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିବା ଭୁବନେଶ୍ୱର ମଟନ ବ୍ୟବସାୟ ସଂଘ ସମ୍ପାଦକ ଏସ୍. କେ. ସର୍ଜନ କହିଛନ୍ତି। ଅନ୍ୟପକ୍ଷରେ ଚାରିଆଡୁ ଅଭିଯୋଗ ଆସିବା ପରେ ପୋଲିସ ଓ ବିଏମ୍ସି ପକ୍ଷରୁ ଚଢ଼ାଉ କରାଯାଇଥିଲା। ବିଭିନ ସ୍ଥାନରେ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଚାଲାଣ ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କଠାରୁ କଟାଯାଇଥିବାବେଳେ ବିଏମସି ୨୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ କରିଥିଲା।

## ପୋଲିସ ପକ୍ଷରୁ ୮୦,୨୦୦ ଜରିମାନା ଆଦାୟ

ସଂକ୍ରମଣ ଏଡ଼ାଇବାକୁ କୋଭିଡ୍ କଟକଣା ଲାଗୁ କରାଯାଇଛି। ଏହାକୁ ଉଲ୍ଲଂଘନ କରୁଥିବା ଅମାନିଆଙ୍କ ଉପରେ କମିଶନରେଟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉଛି। ବୁଧବାର ପୋଲିସର ହାଟ, ବଜାର ସମେତ ବିଭିନ୍ନ ଛକ ଓ ଚେକ୍ ପଏଣ୍ଟରେ ଯାଞ୍ଚବେଳେ ୭୬୮ଜଣ ଉଲ୍ଲଂଘନକାରୀ ଧରାପଡି ଜରିମାନା ଗଣିଛନ୍ତି। ସେମାନଙ୍କଠାରୁ ୮୦ ହଜାର ୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


ଜାତୀୟ ରାଜପଥ ପାର୍ଶ୍ୱ ନୂଆପଲ୍ଲୀ ଆମିଷ ବଜାରରେ ଜଣେ ମାଂସ ବ୍ୟବସାୟୀଙ୍କୁ ପୋଲିସ ପିଟୁଛି।

## ୨ ଗୁଣା ଦରରେ ମଦ ବିକ୍ରି, ବାର୍ ସିଲ୍

ଲକ୍ଡାଉନ୍ ସମୟରେ ଅନ୍ଲାଇନ୍ରେ ମଦ ବିକ୍ରି କରିବା ପାଇଁ ଅନୁମତି ରହିଛି। କିନ୍ତୁ କେତେକ ମଦ ଦୋକାନୀ ଓ ବାର୍ ମାଲିକ ଅଫ୍ଲାଇନ୍ରେ

**ଚଢ଼ାଉବେଳେ ବିଏମ୍ସି କର୍ମଚାରୀଙ୍କୁ ଦୁର୍ବ୍ୟବହାର**

ମଦ ବିକ୍ରି କରି ଦୁଇତିନିଗୁଣ ଦାମ୍ ନେଉଛନ୍ତି। ଏମିତି ନିୟମ ଉଲ୍ଲଂଘନ କରି ଖୁଲମ୍ଖୁଲା ମଦ ବିକ୍ରି କରୁଥିବା ଚନ୍ଦ୍ରଶେଖରପୁର ଅଞ୍ଚଳର ଏକ ବାର୍ରେ ଚଢ଼ାଉ କରି ସିଲ୍ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡିଷ୍ଟ୍ରିକ୍ଟ ସେଣ୍ଟରରେ ଥିବା କ୍ଲବ୍ ଭେନମ୍ ବାର୍ରେ ଖୋଲାରେ ମଦ ବିକ୍ରି ହେଉଥିବା ବିଏମ୍ସି ନର୍ଥ ଜୋନ୍ ସ୍କ୍ୱାଡ୍କୁ ଖବର ମିଳିଥିଲା। ପ୍ରଥମେ ଜଣେ କର୍ମଚାରୀ ଗ୍ରାହକ ହୋଇ ଉକ୍ତ ବାର୍ରୁ ଏକ ମଦ କିଣିଥିଲେ। ଦାମ ୩ ଶହ ୫୦ ଟଙ୍କା ରହିଥିବାବେଳେ ବାର୍ ପକ୍ଷରୁ ୭ଶହ ଟଙ୍କା ନେଇଥିଲେ। ଏହାପରେ ବିଏମ୍ସି ସ୍କ୍ୱାଡ୍ ଚଢ଼ାଉ କରିଥିଲେ। କାହିଁକି ଅଫ୍ଲାଇନ୍ରେ ମଦ ବିକ୍ରି କରୁଛ ବୋଲି ପଚାରିବାରୁ ବାର କର୍ମଚାରୀ ବିଏମ୍ସି କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ପରେ ବିଏମ୍ସି ଉକ୍ତ ବାରକୁ ସିଲ୍ କରିଥିବା ଜଣାପଡିଛି।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିଅନ୍ତା,୧୬।୬(ଡି.ଏନ୍.ଏ.): ବାଲିଅନ୍ତା ଥାନା ଅଧୀନ ବଇଁଚୁଆ ପଞ୍ଚାୟତର ଭେଲୁରି ଗ୍ରାମରେ ବୁଧବାର ଅପରାହ୍ନରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତା ହେଲେ ରାଜଶ୍ରୀ ସାହୁ(୩୬)। ରାଜଶ୍ରୀ ୧୦ବର୍ଷ ତଳେ କଟକର ଚାଉଳିଆଗଞ୍ଜ ଅଞ୍ଚଳରେ ବିବାହ କରିଥିଲେ। କୌଣସି କାରଣରୁ ଗତ ୧ବର୍ଷ ହେବ ବାଲିଅନ୍ତାର ଭେଲୁରିସ୍ଥିତ ବାପଘରେ ରହୁଥିଲେ। ତାଙ୍କର ୨ଝିଅପୁଅ ବାପା ପାଖରେ ରହୁଛନ୍ତି। ବୁଧବାର ରାଜଶ୍ରୀ ଏକ ଓଢ଼ଣିରେ ଝୁଲୁଥିବା ଦେଖି ବାପଘର ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଅନ୍ତା ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

### ଝିଅ ସହ ଝଗଡ଼ା ପରେ ବିଷ ପିଇ ମା' ମୃତ

ଭୁବନେଶ୍ୱର,୧୬।୬ (ବ୍ୟୁରୋ): ରଜରେ ଝିଅ ପାଇଁ ନୂଆ ଡ୍ରେସ୍ କରିପାରି ନ ଥିଲେ। ଏହାକୁ ନେଇ ଝିଅ ସହ ହୋଇଥିଲା ଝଗଡା ପରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି ମା'। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହି ଆଦିବାସୀ ଗାଁରେ। ମୃତ ମହିଳା ଜଣକ ହେଲେ ମିତାରାଣୀ ମହାମାତ୍ର(୩୮)। ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ମୁତାବକ, ସ୍ୱାମୀଙ୍କ ସହ କଳି ଝଗଡା ପରେ ମିତାରାଣୀ ୧୯ ବର୍ଷର ଝିଅ ସହ ଆଦିବାସୀ ଗାଁରେ ରହୁଥିଲେ। ବୁଧବାର ରଜ ଥିବାରୁ ଡ୍ରେସ୍ କିଣିବା ସହ ପାରିବାରିକ ସମସ୍ୟାକୁ କେନ୍ଦ୍ର କରି ଝିଅ ସହିତ ତାଙ୍କର ଝଗଡା ହୋଇଥିଲା। ଅପରାହ୍ନ ୩ଟା ସମୟରେ ଝିଅ ପଡୋଶୀ ଘରକୁ ଚାଲିଯାଇଥିଲେ। ଏହି ସମୟରେ ମିତାରାଣୀ ବିଷ ପିଇ ଦେଇଥିଲେ। ଝିଅ ଘରକୁ ଫେରି ମା'ଙ୍କୁ ଅଚେତ ଅବସ୍ଥାରେ ଦେଖି ଚିତ୍କାର କରିଥିଲେ। ପଡୋଶୀଙ୍କ ସହାୟତାରେ ମିତାରାଣୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ଚାଲିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ମିତାରାଣୀଙ୍କ ଝିଅକୁ ପଚରାଉଚରା କରିଛି। ଏଥିସହିତ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି।

### ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସାଳୟରେ କରୋନା

ବାରଙ୍ଗ,୧୬।୬(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ବନ୍ୟପ୍ରାଣୀ ଚିକିତ୍ସାଳୟର ମେଡିସିନ ବିଭାଗରେ କରୋନା ପଶିଛି। ସଂକ୍ରମିତ ଜଣକ ହେଲେ ବନ୍ୟପ୍ରାଣୀ ଚିକିତ୍ସାଳୟର ଚୁକ୍ତିଭିତ୍ତିକ ମେଡିସିନ ଚିକିତ୍ସକ। ଏହାକୁ ନେଇ ସେଠାରେ କାର୍ଯ୍ୟରତ କର୍ମଚାରୀ ଭୟଭୀତ ହୋଇପଡିଥିବାବେଳେ ସମସ୍ତଙ୍କୁ ଗୃହ ସଙ୍ଗରୋଧରେ ରହିବାକୁ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି। ଏଥିସହ ଉଦ୍ୟାନର ସମସ୍ତ କର୍ମଚାରୀଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନରୁ ୨୫ଜଣ କର୍ମଚାରୀ ଓ ଅଧିକାରୀ ସଂକ୍ରମିତ ହୋଇଥିବାବେଳେ ଏବେ ସଂକ୍ରମିତଙ୍କ ସଂଖ୍ୟା ୨୬କୁ ବୃଦ୍ଧିପାଇଛି।

### ଜଳିଗଲା ଚଳନ୍ତା ସ୍କୁଟି




ଭୁବନେଶ୍ୱର,୧୬।୬(ବ୍ୟୁରୋ): ଶହୀଦନଗର ଥାନା ଅନ୍ତର୍ଗତ ରମାଦେବୀ ବିଶ୍ୱବିଦ୍ୟାଳୟ ସମ୍ମୁଖ ରାସ୍ତାରେ ବୁଧବାର ଏକ ଚଳନ୍ତା ସ୍କୁଟିରେ ନିଆଁ ଲାଗିଯିବାରୁ ତାହା ଜଳିଯାଇଛି। ସ୍କୁଟି ଚାଳକ ନିଜକୁ ରକ୍ଷା କରିଥିଲେ ମଧ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସୂଚନା ଅନୁଯାୟୀ, ଜଣେ ସ୍କୁଟି ଚାଳକ ସକାଳ ୧୦ଟାରେ ଶହୀଦନଗର ପେଟ୍ରୋଲ ପମ୍ପରେ ତେଲ ପକାଉଥିବାବେଳେ ଟାଙ୍କିରୁ ତେଲ ଲିକ୍ କରୁଥିବା ନେଇ କର୍ମଚାରୀମାନେ କହିଥିଲେ। ଏହାପରେ ଯୁବକ ଜଣକ ସ୍କୁଟି ନେଇ ରାସ୍ତାରେ ଯାଉଥିବାବେଳେ ନିଆଁ ଲାଗି ଯାଇଥିଲା। ଲିକ୍ ହୋଇଥିବା ତେଲ ଗରମ ଇଞ୍ଜିନ ସଂସ୍ପର୍ଶରେ ଆସିବାରୁ ନିଆଁ ଲାଗିଯାଇଥିବା ଅନୁମାନ କରାଯାଉଛି।

## କନଷ୍ଟେବଲଙ୍କୁ ସାଇଣ୍ଟିଫିକ୍ ତାଲିମ୍

ଭୁବନେଶ୍ୱର,୧୬।୬ (ବ୍ୟୁରୋ)

କନଷ୍ଟେବଲଙ୍କୁ ତଦନ୍ତ କ୍ଷମତା ମିଳିଛି। ବର୍ତ୍ତମାନ ପ୍ରମାଣ ଯୋଗାଡ଼ କରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏକ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ କମିଶନରେଟ ପୋଲିସ୍ ପକ୍ଷରୁ କଟକ ଓ ଭୁବନଶ୍ୱରର କାର୍ଯ୍ୟରତ କନଷ୍ଟେବଲଙ୍କୁ ସାଇଣ୍ଟିଫିକ୍ ତାଲିମ୍ ଦିଆଯାଉଛି। ବୁଧବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଏହି ତାଲିମ୍ ଶିବିର ୭ଦିନ ଧରି ଚାଲିବ। ଫରେନସିକ ଅଧିକାରୀ କନଷ୍ଟେବଲମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ଏହା ସହିତ ପ୍ରତି ଥାନାକୁ ଦିଆଯାଇଛି ଫରେନସିକ କିଟ୍। ଆପରାଧିକ ମାମଲା ହେଲେ ତାଲିମ ପାଇଥିବା କନେଷ୍ଟବଳ ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଉପାୟରେ ତଦନ୍ତ କରି ପ୍ରମାଣ ଯୋଗାଡ଼ କରିବେ। ଫଳରେ ତଦନ୍ତ ସହଜ ହେବା ସହିତ ଠିକ୍ ପ୍ରମାଣ ଯୋଗୁ ଅପରାଧୀ ଖସି ପାରିବ ନାହିଁ। ଏ ସମ୍ପର୍କରେ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଛନ୍ତି, ପ୍ରତି ଥାନାରୁ ଜଣେ ଲେଖାଏ କନଷ୍ଟେବଲଙ୍କୁ ସାଇଣ୍ଟିଫିକ ତାଲିମ ଦିଆଯାଉଛି। ତାଲିମ ନେଉଥିବା କନଷ୍ଟେବଲମାନେ ହତ୍ୟା, ଚୋରି, ଡକାୟତି, ଲୁଟ୍, ବଳାତ୍କାର ଆଦି ଅପରାଧର ତଦନ୍ତ କରିପାରିବେ। ସେମାନଙ୍କୁ ତାଲିମ ଦିଆଯାଇ ଅଭିଜ୍ଞ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ବାକି କନଷ୍ଟେବଲଙ୍କୁ ଏପରି ତାଲିମ ଦିଆଯିବ ବୋଲି ଡିସିପି ଉମାଶଙ୍କର କହିଛନ୍ତି।

## ପିସିଆର୍କୁ ଧକ୍କା ଦେଲା ଟ୍ରକ, ୪ ପୋଲିସ ଆହତ

ଭୁବନେଶ୍ୱର,୧୬।୬( ବ୍ୟୁରୋ)

ରାତ୍ର ପାଟ୍ରୋଲିଂ କରୁଥିବା ଶହୀଦନଗର ଥାନାର ପିସିଆର୍ ନଂ.୫କୁ ରସୁଲଗଡ଼ ଓଭରବ୍ରିଜ ଉପରେ ଏକ ଟ୍ରକ୍ ଧକ୍କା ଦେଇଛି। ଫଳରେ ଭ୍ୟାନଟି କ୍ଷତିଗ୍ରସ୍ତ ହୋଇଥିବାବେଳେ ୪ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନେ ହେଲେ ହାବିଲଦାର ଏସ୍. ଦାସ, ହୋମ୍ଗାର୍ଡ ଏସ୍. ଭଞ୍ଜ, ଏସ୍.କେ. ଭଞ୍ଜ ଏବଂ ଓଏପିଏଫ୍ କନଷ୍ଟେବଲ ପି. କହଁର। ପ୍ରାଥମିକ ଚିକିତ୍ସା ପରେ ଅନ୍ୟମାନେ ହସ୍ପିଟାଲରୁ ଫେରିଥିବାବେଳେ ପି. କହଁର ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ବୁଧବାର ଭୋର୍ ପ୍ରାୟ ୫ଟା ୪୫ରେ ସମୟରେ ଏହି ଘଟଣା ଘଟିଥିଲା। ଦୁର୍ଘଟଣା ଘଟଣା ପଳାଉଥିବା ଟ୍ରକ୍କୁ ପାହାଲ ନିକଟରେ ଧରିଥିଲେ ମଧ୍ୟ ଡ୍ରାଇଭର ଓ ହେଲ୍ପର ଫେରାର ହୋଇଯାଇଛନ୍ତି।




## ଏକ୍ମୋ ସପୋର୍ଟରେ ୧୦ରୁ ପ୍ରାୟ ୪ ଜଣ ବଞ୍ଚିଯାଇପାରନ୍ତି

ଭୁବନେଶ୍ୱର, ୧୬।୬ (ବ୍ୟୁରୋ)

କୋଭିଡ୍ ରୋଗୀଙ୍କ ପାଇଁ ଏବେ ଜୀବନ ରକ୍ଷକ ସାଜିଛି ଏକ୍ମୋ ମେଶିନ। କିନ୍ତୁ ରାଜ୍ୟରେ ଏହି ମେଶିନର ଅଭାବ ଥିବାରୁ ବହୁ ଗୁରୁତର ରୋଗୀ ରାଜ୍ୟ ବାହାରକୁ ଚିକିତ୍ସା ପାଇଁ ଯାଉଛନ୍ତି। ତେବେ ସବୁ ରୋଗୀ ଏକ୍ମୋ ଦ୍ୱାରା ଭଲ ହେଉଛନ୍ତି କି ନାହିଁ ସେ ସମ୍ପର୍କରେ ବୁଧବାର ସୂଚନା ଦେଇଛନ୍ତି ପ୍ରଫେସର ଡା. ବାନାମ୍ବର ରାୟ। ସେ କହିଛନ୍ତି, ଫୁସ୍ଫୁସ୍ ବହୁତ ଖରାପ ହେଲେ ଭେଣ୍ଟିଲେଟର କାମ କରିପାରେ ନାହିଁ। କୋଭିଡ୍ ବେଳେ ଭେଣ୍ଟିଲେଟରକୁ ୧୦ଜଣ ଗଲେ, ପ୍ରାୟ ୨ ଜଣ ବଞ୍ଚନ୍ତି। କିନ୍ତୁ ଏକ୍ମୋ ସପୋର୍ଟରେ ହୁଏତ ୧୦ ଜଣରୁ ୪ଜଣ ବଞ୍ଚି ଯାଇପାରନ୍ତି। ଏକ୍ମୋ ଦ୍ୱାରା ଯେ ସମସ୍ତେ ବଞ୍ଚିବେ ସେମିତି ଭାବିବା ଠିକ୍ ନୁହେଁ। ଏକ୍ମୋରେ ରୋଗୀଙ୍କ ରକ୍ତ ଜମାଟ ବାନ୍ଧିବା, ଇନ୍ଫେକସନ୍ର ଆଶଙ୍କା ଥାଏ ବୋଲି ସେ କହିଛନ୍ତି।

ଏକ୍ମୋ ଚିକିତ୍ସା ସମ୍ପର୍କରେ ପ୍ରଫେସର ରାୟ କହିଛନ୍ତି, ଶରୀର ଭିତରେ ଫୁସ୍ଫୁସ୍ ଯେଉଁ କାମ କରେ, ଶରୀର ବାହାରେ ଏକ୍ମୋ ତାହା କରେ। ଶରୀର ଭିତରେ ଥିବା ରକ୍ତ ପରିଷ୍କାର କରି ପୁଣି ଶରୀରକୁ ଛାଡ଼େ। ଯେପର୍ଯ୍ୟନ୍ତ ଫୁସଫୁସ୍ ଖରାପ ଥିବ, ସେପର୍ଯ୍ୟନ୍ତ ଏକ୍ମୋ ରକ୍ତ ପରିଷ୍କାର କାମ କରିବ। ସ୍ୱାଇନ୍ ଫ୍ଲୁ, ନିମୋନିଆ, ଲଙ୍ଗସ ଫାଇବ୍ରୋସିସ୍ ହେଲେ ଏକ୍ମୋ ବ୍ୟବହାର ହୋଇଥାଏ। କାହାର ଫୁସ୍ଫୁସ୍ ଟ୍ରାନ୍ସପ୍ଲାଣ୍ଟ ହେଲେ, ଏକ୍ମୋ ବ୍ୟବହାର କରାଯାଇଥାଏ। ଏହା ଏକ ଚିକିତ୍ସା ପଦ୍ଧତି ନୁହେଁ, ଏହା କେବଳ ଏକ ସପୋର୍ଟ ବୋଲି ଡା. ରାୟ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଚଳିତ ମାସ ବହୁ ଗୁରୁତର ରୋଗୀ ଏକ୍ମୋ ଚିକିତ୍ସା ପାଇଁ ଏୟାର ଲିଫ୍ଟ ହୋଇ ଚେନ୍ନାଇ, କୋଲକାତା ଯାଇଛନ୍ତି। ଏହି ଚିକିତ୍ସା ପାଇଁ ଦୈନିକ ପ୍ରାୟ ୨ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ତେବେ ରୋଗୀ କେତେ ଦିନ ଏହି ମେଶିନ ସପୋର୍ଟର ଆବଶ୍ୟକ କରିବ ତାହା ରୋଗୀର ସ୍ୱାସ୍ଥ୍ୟାବସ୍ଥା ଉପରେ ନିର୍ଭର କରେ ବୋଲି ସେ ସୂଚନା ଦେଇଛନ୍ତି।

## ସ୍ୱମନ୍ଦିର ଫେରିଲେ ଦେବଦମ୍ପତି

ପୁରୁଣା ଭୁବନେଶ୍ୱର, ୧୬।୬ (ଡି.ଏନ୍.ଏ.)

ଶ୍ରୀଲିଙ୍ଗରାଜ ମହାଦେବଙ୍କ ବିବାହ ଉତ୍ସବ ଶେଷ ହେବା ପରେ ଶ୍ରୀଜୀଉ ବୁଧବାର ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏ ନେଇ ପ୍ରାତଃରୁ ମନ୍ଦିରରେ ଆଳତି ଅବକାଶ ସରିବା ପରେ କେଦାରଗୌରୀ ମନ୍ଦିରରେ ଶ୍ରୀଲିଙ୍ଗରାଜଙ୍କ ଆଳତି ଅବକାଶ କରାଯାଇଥିଲା। ପରେ ରୋଷ ହୋମ, ମହାସ୍ନାନ ବେଶ କରାଯାଇ ଦୈନିକ ନୀତି ଭୋଗ ମଣ୍ଡପ ସରିବା ପରେ କେଦାରଗୌରୀ ମନ୍ଦିରରେ ସକାଳ ଧୂପ ମୁଆଁ ଭୋଗ ହୋଇଥିଲା। ମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ସେଠାରେ ପୁନଃ ଦ୍ୱିପ୍ରହର ଧୂପ ହୋଇଥିଲା। ଅନ୍ୟପଟେ ମନ୍ଦିରରେ ସନ୍ଧ୍ୟାଧୂପ ସରିବା ପରେ କେଦାରଗୌରୀ ମନ୍ଦିରରେ ଶ୍ରୀଲିଙ୍ଗରାଜଙ୍କ ନିକଟରେ ସନ୍ଧ୍ୟା ଧୂପ ହୋଇଥିଲା। ଏହାପରେ କେଦାରଗୌରୀଙ୍କ ନିକଟରେ ୨ ବଡ଼ା ମୁଆଁ ଭୋଗ କରାଯାଇ କେଦାରେଶ୍ୱର ଏବଂ ଲିଙ୍ଗରାଜଙ୍କ ନିକଟରେ ଭେଟ ଆଳତି କରାଯାଇଥିଲା। ପରେ ଶ୍ରୀଜୀଉମାନେ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ବିଜେ କରିଥିଲେ। ଡୋରି ଲାଗିସାରିବା ପରେ ବଟାରେ ହଳଦୀ ପାଣି ପ୍ରସ୍ତୁତ କରାଯାଇଥିଲା।

ଉକ୍ତ ହଳଦୀ ପାଣିକୁ ପୂଜା ପଣ୍ଡାକୁ ସେବକ ସଂସ୍କାର କରି ଶ୍ରୀଜୀଉଙ୍କ ଉପରେ ସିଞ୍ଚନ କରିଥିଲେ। ଏହାପରେ ଶ୍ରୀଜୀଉମାନେ ସେବାୟତଙ୍କ ଉପସ୍ଥିତିରେ ଶ୍ୱଶୁରଘରୁ ଯୌତୁକସ୍ୱରୂପ ଇନ୍ଦ୍ରହସ୍ତୀ ସହ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ମନ୍ଦିର ଫେରିବା ବାଟରେ ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ, ପାଟ ଅନୁକୂଳ ବଡୁ ସାହ, ବଡୁ ନିଯୋଗ, ପଥୁରିଆ ବଡୁସାହରେ ଭୋଗ ଖାଇ ମନ୍ଦିରକୁ ଫେରିଥିଲେ। ଅନ୍ୟପଟେ ପ୍ରଶାସନର ସହଯୋଗ ଅଭାବରୁ କପିଳେଶ୍ୱର ଦେବ ଏହି ବିବାହ ଉତ୍ସବରେ ଯୋଗ ଦେଇ ନ ଥିଲେ। ଫଳରେ ଶ୍ରୀଲିଙ୍ଗରାଜଙ୍କ ତରଫରୁ ମର୍ଯ୍ୟାଦା ଦିଆଯାଇପାରି ନ ଥିଲା। ଯାହାକୁ ନେଇ ସାଧାରଣରେ ନାନା ଅସନ୍ତୋଷ ଦେଖାଯାଇଥିଲା। ସେହିପରି ଶ୍ରୀଜୀଉଙ୍କୁ ଆଣିବା ସମୟରେ ମନ୍ଦିରରେ, ବରଯାତ୍ରୀରେ ସେବାୟତମାନେ ମାସ୍କ ପିନ୍ଧି ନ ଥିଲେ। ଶୋଭାଯାତ୍ରାରେ ତେଲିଙ୍ଗି ବାଜା, ରୋଶଣି ବାରଣ ଥିବାବେଳେ ବହୁ ଜୋରସୋରରେ କରାଯାଇଥିବାରୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।



ଇନ୍ଦ୍ରହସ୍ତୀ ସହ ଦେବ ଦମ୍ପତି ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରୁଛନ୍ତି।

## ବିଦେଶ ଯାଉଥିବା ଲୋକଙ୍କ ଦ୍ୱିତୀୟ ଡୋଜ୍ ଟିକାକରଣକୁ ପ୍ରାଧାନ୍ୟ

ଭୁବନେଶ୍ୱର, ୧୬।୬ (ବ୍ୟୁରୋ)



ପାଠ ପଢ଼ିବା, ଚାକିରି ଓ ଟୋକିଓ ଅଲିମ୍ପିକ୍ସରେ ଯୋଗଦେବା ପାଇଁ ବିଦେଶ ଯିବାକୁ ଥିବା ଲୋକଙ୍କୁ ଦ୍ୱିତୀୟ ଡୋଜ୍ କୋଭିଶିଲ୍ଡ ଟିକାକରଣ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ କିମ୍ବା ଅତିରିକ୍ତ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଏହି ବର୍ଗର ହିତାଧିକାରୀଙ୍କ ଟିକାକରଣ କାର୍ଯ୍ୟକ୍ରମର କର୍ତ୍ତୃପକ୍ଷ ହୋଇପାରିବେ। ଏମାନଙ୍କୁ କେବଳ ସରକାରୀ ଅଧିକୃତ କୋଭିଡ୍ ଟିକାକରଣ କେନ୍ଦ୍ରରେ ଟିକା ନେବାକୁ ଅନୁମତି ମିଳିବ। ତେବେ ଟିକା ଦେବାବେଳେ ସମସ୍ତ ତଥ୍ୟକୁ ଭଲ ଭାବେ ଯାଞ୍ଚ କରିବା ପାଇଁ କୁହାଯାଇଛି। ଏହି ଟିକାକରଣ ସୁବିଧା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି।

## ଜୁଆଖେଳ ବେଳେ ଚଢ଼ାଉ: ୮ ଗିରଫ

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅଧୀନ ବରହମପୁର ଗ୍ରାମ ପ୍ରଧାନ ସାହିର ଏକ ପଡିଆରେ ଜୁଆଖେଳ ବେଳେ ପୋଲିସ ଚଢ଼ାଉ କରି ୮ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ବଡସାମନ୍ତରାପୁର ଗ୍ରାମର ସନ୍ତୋଷ ବସ୍ତିଆ, ଅଜୟ କୁମାର ପ୍ରଧାନ, ମାୟାଧର ବାରିକ, ସରୋଜ ବେହେରା, କାଳନ୍ଦୀ ବସ୍ତିଆ, ବଡପଦାଗାଁ ଗ୍ରାମର କାଳନ୍ଦୀ ବାରିକ, ସୁଶାନ୍ତ ବାରିକ ଓ ଶଶାଙ୍କ ଗ୍ରାମର ଦାମ ସାମଲ। ସେମାନଙ୍କ ନିକଟରୁ ତାସ, ୪୪୫୦ ଟଙ୍କା ଓ ଗୋଟିଏ ବାଇକ୍ ଜବତ କରିଛି। ଏ ନେଇ ଥାନାରେ ମାମଲା(ନଂ.୨୪୭/୨୧) ରୁଜୁ ହୋଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ମାହାଙ୍ଗା, ୧୬।୬ (ସ୍ୱ.ପ୍ର.):** ମହାଙ୍ଗା ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର-କୁଆଁପାଳ ରାସ୍ତାରେ ବୁଧବାର ରାତି ୯ଟାରେ ଏକ ବାଇକ୍ ସହ ଜେସିବି ବାଡେଇ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକ (ନଂ. ଓଡ଼ି ୦୫ଏକେ-୧୪୦୨) ରେ ଥିବା ୨ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପୋଲିସ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ବାଇକ୍ ଚାଳକଙ୍କୁ ମୃତ ଘୋଷଣା କରିଛନ୍ତି। ବାଇକ୍ ପଛରେ ବସିଥିବା ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ନାଁ ଜଣାପଡି ନ ଥିବା ବେଳେ ଘର କେନ୍ଦ୍ରାପଡ଼ା ଜିଲା ନରଣପୁର ଅଞ୍ଚଳରେ ପୋଲିସ ସୂତ୍ରରୁ ପ୍ରକାଶ। ଦୁର୍ଘଟଣା ସ୍ଥଳରେ ଉତ୍ତ୍ୟକ୍ତ ଲୋକ ଜେସିବିକୁ ନିଆଁ ଲଗାଇ ପୋଡି ଦେଇଥିବା ପୋଲିସ କହିଛି।

### ଗ୍ୟାସ୍ କର୍ମଚାରୀଙ୍କୁ ମାଡ଼ ମାରି ଛଡ଼ାଇନେଲେ ଟଙ୍କା

**ବାଙ୍କୀ,୧୬।୬(ସ୍ୱ.ପ୍ର.):** ବାଙ୍କୀ ଟାଉନରେ ଥିବା ମା'ଚର୍ଚ୍ଚିକା ଇଣ୍ଡେନ୍ ଗ୍ୟାସର ଡେଲିଭରି ମ୍ୟାନ୍ ସୁବାସ ଚନ୍ଦ୍ର ସ୍ୱାଇଁ ବୁଧବାର ଗୋଟିଏ ଅଟୋ ଗାଡ଼ିରେ ୨୫ଟି ଫୁଲ୍ ଗ୍ୟାସ୍ ସିଲିଣ୍ଡର ନେଇ ଡମପଡ଼ା ବ୍ଲକ ନରଗାଙ୍ଗ ଗାଁକୁ ଗ୍ରାହକମାନଙ୍କୁ ଦେବା ଉଦ୍ଦେଶ୍ୟରେ ଯାଇଥିଲେ। ମଧ୍ୟାହ୍ନ ୧୨ଟାରେ ନିକଟସ୍ଥ ଫାସିବସ୍ତ ଗାଁର ବନମାଳୀ ନାୟକ ଗ୍ୟାସ୍ ଗାଡ଼ିକୁ ଅଟକାଇ ସୁବାସଙ୍କୁ ଟଙ୍କା ମାଗିଥିଲେ। ସୁବାସ ଏହାର ବିରୋଧ କରିବାରୁ ଦୁର୍ବୃତ୍ତ ତାଙ୍କୁ ଗାଡି ଭିତରୁ ଭିଡି ଆଣି ମାଡ଼ ମାରିଥିଲେ। ତାଙ୍କ ପିଠିକୁ କାମୁଡ଼ି ଦେବା ସହ ଏକ ଚୁଆରେ ଘୋଷାରି ନେଇ ପକାଇ ଦେଇଥିଲେ। ତାଙ୍କ ପାଖରେ ଥିବା ୧୩,୫୦୦ ଟଙ୍କା ଛଡ଼ାଇ ନେଇଛନ୍ତି। ସେଠାରେ ଥିବା ଲୋକେ ଛଡ଼ାଛଡ଼ି କରିବାରୁ ସେ ଜୀବନ ବଞ୍ଚାଇ ପଳେଇ ଆସି ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୬୦/୨୧ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଦୁର୍ଘଟଣା: ୨ ଗୁରୁତର

**ଫୁଲନଖରା,୧୬।୬(ଡି.ଏନ୍.ଏ.):** କଟକ-ଭୁବନେଶ୍ୱର ଜାତୀୟ ରାଜପଥର ବଣ୍ଟକୁଦ ନିକଟରେ ବୁଧବାର ଅପରାହ୍ନରେ ଏକ କାର୍ ସହ ବାଇକ୍ ଧକ୍କା ହୋଇଛି। ଫଳରେ ବାଇକ୍‌ରେ ବସିଥିବା ଦମ୍ପତି ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନାହିଁ। ଉଭୟ ଭୁବନେଶ୍ୱରରୁ କଟକ ଅଭିମୁଖେ ବାଇକରେ ଆସୁଥିବାବେଳେ ବଣ୍ଟକୁଦ ଆଦିତ୍ୟ ମୋଟର୍ସ ନିକଟରେ ଏକ କାର୍ ସହ ଧକ୍କା ହୋଇଥିଲେ। ଫଳରେ ସେମାନେ ବାଇକ୍‌ରୁ ଛିଟିକି ପଡି ଗୁରୁତର ହୋଇଥିଲେ। ଫୁଲନଖରା ଟ୍ରାଫିକ ଥାନା ପୋଲିସ ପହଞ୍ଚି ଗୁରୁତର ଦ୍ୱୟଙ୍କୁ ହସ୍ପିଟାଲ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

### ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

**କଟକ ଅଫିସ,୧୬।୬:** ସିଡିଏ ସେକ୍ଟର ୬ସ୍ଥିତ କୃଷକ ବଜାର ସାହିରେ ବୁଧବାର ଅମୃତ ଯୋଜନାରେ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏମ୍‌ପି ସୁବାସ ସିଂ ଏହାକୁ ଉଦ୍‌ଘାଟନ କରି କହିଥିଲେ ଉକ୍ତ ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ୧୨୩୫ ପରିବାର ଉପକୃତ ହେବେ। ସେହିପରି କୃଷକ ବଜାର ସାହିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରି ଜାଇକାର ଅବଶିଷ୍ଟ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସଂଯୁକ୍ତା ସାହୁ, ପ୍ରଫୁଲ୍ଲ ସିଂ, ରଞ୍ଜନ କୁମାର ବିଶ୍ୱାଳ, ଗଦାଧର ସାହୁ, ନିଶାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ୫୦ ୟୁନିଟ୍ ରକ୍ତ ସଂଗ୍ରହ

**ବାଙ୍କୀ,୧୬।୬(ସ୍ୱ.ପ୍ର.):** ଓଡ଼ିଶା ଡ୍ରାଇଭର ମହାସଭା, ବାଙ୍କୀ ଓ ରାଜ୍ୟ ଜୀବନବିନ୍ଦୁ ସହଯୋଗରେ ବୁଧବାର ବାଙ୍କୀ ପ୍ରେସ୍ କ୍ଲବ ବିଦ୍ୟାରତ୍ନ ଭବନଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ମୁଖ୍ୟଅତିଥି ଓ କଟକ ଜିଲା ଜୀବନବିନ୍ଦୁ ସଂଯୋଜକ ରଞ୍ଜନ କୁମାର, ଅଦ୍ୱୈତ୍ୟ ଫାଉଣ୍ଡେଶନ୍ ଅଧ୍ୟକ୍ଷ ନଳିନୀ ରାୟ, ଆଇନଜୀବୀ ତାପସ ଦ୍ୱିବେଦୀ, ପ୍ରେସ କ୍ଲବ ସମ୍ପାଦକ ସୁବାସ ଚନ୍ଦ୍ର ପାଢ଼ୀ, ଉପସଭାପତି ସମରେନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ୍ରାଇଭର ମହାସଂଘ ସଭାପତି ସ୍ୱପ୍ନସାଗର ରାଉତ, ସମ୍ପାଦକ ଦାମୋଦର ନାୟକ, ସହସମ୍ପାଦକ ନେତ୍ରାନନ୍ଦ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭ୍ୟ ସୁଶାନ୍ତ ଖଟୁଆ, ସଞ୍ଜୟ ସ୍ୱାଇଁ, ବିଜୟ ପାତାଳ ସିଂହ, ଆନନ୍ଦ ଦାସ, ବାଙ୍କୀ ଏନ୍‌ଏସି ଛାତ୍ର ବିଜେଡି ସଭାପତି ବ୍ରଜବଲ୍ଲଭ କର, ବାଙ୍କୀ ଟାଉନ୍ ଯୁବ ବିଜେଡି ସଭାପତି ପଠାଣି ବେହେରା, କଟକ ଜିଲା ବିଜୁ ଯୁବ ଜନତା ଉପସଭାପତି ରମାକାନ୍ତ ସେଠୀ ପ୍ରଭୃତି ସହଯୋଗ କରିଥିଲେ।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

**ବାଙ୍କୀ,୧୬।୬(ସ୍ୱ.ପ୍ର.)**

ବାଙ୍କୀ ଥାନା ଅଞ୍ଚଳରେ ଜଣେ ବଧୂଙ୍କୁ ଅଧିକ ଯୌତୁକ ପାଇଁ ବୁଧବାର ହତ୍ୟା କରାଯାଇଥିବା ବାପଘର ପକ୍ଷରୁ ଅଭିଯୋଗ ହୋଇଛି। ଉକ୍ତ ଥାନା ଅନ୍ତର୍ଗତ ମଇଜୋରି ଗାଁର ବବିନା ଧର(୨୫)ଙ୍କ ବାପା ସନ୍ନ୍ୟାସୀ ଦଳେଇ ବାହାରେ ରହୁଥିବାରୁ ସେ ପିଲାଦିନୁ ମାମୁଘର ଫତେଗଡ଼ ଗାଁରେ ରହୁଥିଲେ। ୫ବର୍ଷ ତଳେ ବବିନାଙ୍କ ଡମପଡ଼ା ବ୍ଲକ କଇଁମୁଣ୍ଡି ଗାଁର ଶ୍ରୀଧର ଧରଙ୍କ ପୁଅ ପ୍ରକାଶ ସହ ବିବାହ ହୋଇଥିଲା। କିଛି ମାସ ହେବ ତାଙ୍କ ଶାଶୁଘର ଲୋକେ ବବିନାଙ୍କୁ ଅଧିକ ଯୌତୁକ ଆଣିବାକୁ କହି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ବବିନା ଯେହେତୁ ମାମୁଘରେ ରହି ବଢ଼ିଥିଲେ ସାହସ କରି ଦାବି ମୁତାବକ ଟଙ୍କା ମାମୁମାନଙ୍କୁ ମାଗି ପାରୁ ନ ଥିଲେ। ବବିନାଙ୍କ ଶାଶୁ, ନଣଦ, ଦିଅର, ଆଈଶାଶୁ ତାଙ୍କୁ ନିର୍ଯାତନା ଦେଉଥିବା ପୂର୍ବରୁ ସେ ବାପଘର ଲୋକଙ୍କୁ ଜଣାଇଥିଲେ। ସାବିତ୍ରୀ ଅମାବାସ୍ୟା ପୂର୍ବଦିନ ବବିନାଙ୍କ ଭିଣୋଇ ସନ୍ତୋଷ କୁମାର ଦଳେଇ ଓ ମା' ମଞ୍ଜୁ ସାବିତ୍ରୀ ଭାର ନେଇ ତାଙ୍କ ପାଖକୁ କଇଁମୁଣ୍ଡି ଆସିଥିଲେ। ବବିନାଙ୍କ ଶାଶୁ ସେମାନଙ୍କୁ ଧମକ ଚମକ ଦେଇ ଏଠାକୁ କାହିଁକି ଆସିଛ ବୋଲି କହି ପାଟିତୁଣ୍ଡ କରିଥିଲେ। ସେମାନେ ସାବିତ୍ରୀ ଭାର ଦେଇ ନିଜ ଘରକୁ ଫେରି ଯାଇଥିଲେ। ୩ଦିନ ପରେ ବବିନା ଫୋନ୍ କରି ନିଜ ଘରକୁ ଜଣାଇଥିଲେ, ତୁରନ୍ତ ଏଠାକୁ ଆସି ଯୌତୁକ ବାବଦକୁ ଅଧିକ ଟଙ୍କା ଦିଅ ନ ହେଲେ ମୋତେ ଏମାନେ ମାରିଦେବେ। ବୁଧବାର ଭୋର ୫ଟାରେ ବବିନାଙ୍କ ସ୍ୱାମୀ ପ୍ରକାଶ ତାଙ୍କ ବାପଘରକୁ ଫୋନ୍ କରି ଜଣାଇଥିଲେ ଯେ, ତୁମ ଝିଅ ରଶି ଲଗାଇ ମରିଯାଇଛି। ବବିନାଙ୍କ ବାପଘର ଲୋକେ କଇଁମୁଣ୍ଡି ଆସି ଦେଖିଲା ବେଳକୁ ତାଙ୍କ ଝିଅର ମୃତଦେହ ପଡ଼ିଛି। ବବିନାଙ୍କ ଦେହର ବିଭିନ୍ନ ସ୍ଥାନରେ ମାଡ଼ ଚିହ୍ନ ରହିଛି। ତାଙ୍କ ଶାଶୁଘର ଲୋକ ମାରି ଦେଇଥିବା ଅନୁମାନ କରି ମାମୁ ପ୍ରଦୀପ ଦଳେଇ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସ୍ୱାମୀଙ୍କୁ ଥାନାକୁ ଆଣି ପଚରାଉଚରା କରି ଛାଡି ଦେଇଛି। ଏ ନେଇ ଥାନାରେ ନଂ. ୧୫୫/୨୧ ମାମଲା ରୁଜୁ ହୋଇଛି। ଆଇଆଇସି ସୌମେନ୍ଦୁ ତ୍ରିପାଠୀ ଘଟଣାର ତଦନ୍ତ କରୁଛନ୍ତି। ବାଙ୍କୀ ଡାକ୍ତରଖାନାରେ ବବିନାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସ୍ୱାମୀଙ୍କୁ ହସ୍ତାନ୍ତର କରାଯାଇଛି।

## ଜମିବାଡ଼ି ବିବାଦରୁ ବୃଦ୍ଧଙ୍କୁ ପିଟି ମାରିଦେଲେ

**ସାଲେପୁର,୧୬।୬(ଡି.ଏନ୍.ଏ.)**

### ଥାନାରେ ଅଭିଯୋଗ, ଜଣେ ଅଟକ



ଜମିବାଡ଼ି ବିବାଦକୁ ନେଇ ବୁଧବାର ସାଲେପୁର ଥାନା ଅଧୀନ ପିକୋଲ ପଞ୍ଚାୟତ ମାଣତିରି (ମୋହିଉଦ୍ଦିନପୁର)ର ଜଣେ ବୃଦ୍ଧଙ୍କୁ ସେହି ଗାଁର ଜଣେ ବ୍ୟକ୍ତି ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୋହିଉଦ୍ଦିନପୁର ଗାଁର ସେକ୍ ନଇମ ବକ୍ସଙ୍କ ଅଭିଯୋଗ ଅନୁଯାୟୀ, ୨ରୁ ୩ଦିନ ତଳେ ଗାଁର ସୟେଦ ସଫିଉର୍ ରହେମନ ଜୋରଜବରଦସ୍ତ ଏକ ଜେସିବି ସହାୟତାରେ ତାଙ୍କ ଘରବାରି ଜମିର କିଛି ଅଂଶଙ୍କୁ ତାଙ୍କ ବାରିରେ ମିଶାଇ ଦେଇଥିଲେ। ତେବେ ନଇମଙ୍କ ବାଡ଼ିରୁ ମଙ୍ଗଳବାର ଏକ ପଣସ ଚୋରି ହୋଇଥିବା ନେଇ ତାଙ୍କ ମା' ପଡ଼ୋଶୀଙ୍କୁ ପଚାରିଥିଲେ। ପଣସକୁ ସଫିଉର ନେଇଥିବା ନେଇ ନଇମଙ୍କ ପରିବାରଙ୍କୁ କହିବା ସହ ଗଛଟି ତାଙ୍କର ବୋଲି ଦାବି କରିଥିଲେ। ପରେ ନଇମଙ୍କ ପରିବାର ନ୍ୟାୟ ପାଇଁ ଗାଁର ସର୍ଦ୍ଦାର (ମୁଖିଆ)ଙ୍କ ନିକଟକୁ ଯାଇଥିଲେ। ତେବେ ମୁଖିଆ ବୁଧବାର ସକାଳ ୮ଟାରେ ଜମି ନିକଟକୁ ଆସି ଉଭୟପକ୍ଷଙ୍କ ସହ ଆଲୋଚନା କରୁଥିଲେ। ଏହି ସମୟରେ ହଠାତ୍ ସଫିଉର ଉତ୍ତ୍ୟକ୍ତ ହୋଇ ନଇମଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ପୁଅଙ୍କୁ ରକ୍ଷା କରିବାକୁ ବାପା କରିମ୍ ବକ୍ସ ଆସିଯିବାରୁ ସଫିଉର ତାଙ୍କ ମୁଣ୍ଡ ଓ ଛାତିକୁ ନିସ୍ଠୁକ ବିଧା ମାରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଫଳରେ କରିମ୍ ସେହିଠାରେ ହିଁ ଟଳି ପଡ଼ିଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୨୬/୨୧ରେ ମାମଲା ରୁଜୁ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଛି। ଅପରପକ୍ଷେ ଏହି ଘଟଣାରେ ପୋଲିସ ଜଣକୁ ଅଟକ ରଖିଛି ବୋଲି ଆଇଆଇସି ଏମ୍. କେ. ସେନାପତି କହିଛନ୍ତି।



ଲକ୍‌ଡାଉନ୍ ଜାରି ରହିଥିବାବେଳେ କଟକ ମଙ୍ଗଳାବାଗ ଛକରେ ବୁଧବାର ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି।

## ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ୮ ଦ୍ୱାର ରୁପା ଛାଉଣି

**ପୁରୀ ଅଫିସ, ୧୬।୬**

ଶ୍ରୀମନ୍ଦିରର ୮ ଦ୍ୱାର ରୁପାରେ ଛାଉଣି ହେବ। ସେଥିମଧ୍ୟରେ ୫ଟି ମୁଖ୍ୟ ମନ୍ଦିରର କବାଟ ହୋଇଥିବା ବେଳେ ୩ଟି ପାର୍ଶ୍ୱଦେବଦେବୀ ଯଥା ଆଦିନୃସିଂହ, ମା' ବିମଳା ଏବଂ ମା' ଲକ୍ଷ୍ମୀ ମନ୍ଦିରର କବାଟ ରହିଛି। କବାଟରେ ପାଖାପାଖି ୨ ଟନ ରୁପା ବ୍ୟବହାର କରାଯିବ। ମୁମ୍ବାଇର ଜଣେ ଦାତା ସମସ୍ତ ରୁପା ଦାନସୂତ୍ରରେ ଦେବାକୁ ରାଜି ହୋଇଛନ୍ତି। ରୁପାଦ୍ୱାର ଛାଉଣି ପାଇଁ ୧୩୪୫ କେଜି ରୁପା ଦାନସୂତ୍ରରେ ମିଳିଛି। ପରୀକ୍ଷାମୂଳକ ଭାବେ ପ୍ରଥମେ ତିନିଦ୍ୱାର ରୁପା ଛାଉଣି କରାଯିବ। ଏହାପରେ କଳାହାଟ ଓ ଅନ୍ୟ ୪ ପାର୍ଶ୍ୱଦେବଦେବୀ ମନ୍ଦିରର ରୁପା ଛାଉଣି ହେବ ବୋଲି ବୁଧବାର ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ସୂଚନା ଦେଇଛନ୍ତି। ମୁଖ୍ୟ ପ୍ରଶାସକ କହିଛନ୍ତି, ପ୍ରଥମେ ଶ୍ରୀମନ୍ଦିରର ୪ଟି ଦ୍ୱାର ରୁପାଛାଉଣି ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ ଜୟବିଜୟ ଦ୍ୱାର ଓ ଭୋଗମଣ୍ଡପ ଘର ରୁପାଛାଉଣି କରାଯିବାକୁ ବୈଠକରେ ସ୍ଥିର ହୋଇଛି। ଏହାର ଡିଜାଇନ ଚୂଡ଼ାନ୍ତ ହୋଇଛି। କବାଟ କାମ ସରିବା ପରେ ରୁପାଛାଉଣି କରାଯିବ। ପ୍ରାୟ ୧୫ଜଣ କାରିଗର ଏହି କାର୍ଯ୍ୟ କରିବେ। ଏଥିପାଇଁ ଆବଶ୍ୟକ ବର୍ମାଟିକ୍ କାଠ ପହଞ୍ଚି ସାରିଛି। କାର୍ଯ୍ୟ ତତ୍ତ୍ୱାବଧାନ ପାଇଁ ଇଞ୍ଜିନିୟର ଓ ସେବାୟତଙ୍କୁ ନେଇ ଦୁଇଟି କମିଟି ଗଠନ କରାଯାଇଛି। ପ୍ରଥମ କମିଟିରେ ଇଞ୍ଜିନିୟରଙ୍କ ସମେତ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତି ଏବଂ ଏଏସଆଇର ଜଣେ ଅଧିକାରୀ ସଦସ୍ୟ ରହିବେ। ୫ରୁ ୬ଜଣଙ୍କୁ ନେଇ କମିଟି ଗଠନ ହେବ। ସେହିପରି ୭ରୁ ୮ ଜଣ ସେବାୟତଙ୍କୁ ନେଇ ଆଉ ଗୋଟିଏ କମିଟି ଗଠନ କରାଯିବ। ମୂଳ ଦ୍ୱାରର ଡିଜାଇନ୍ ଅକ୍ଷୁଣ୍ଣ ରହିବା ସହ ଉତ୍କଳୀୟ କଳା ସ୍ଥାପତ୍ୟର ଡିଜାଇନ୍ ମଧ୍ୟ ସ୍ଥାନ ପାଇବ। ଏଏସ୍‌ଆଇ ଠାରୁ ଅନୁମତି ଅଣାଯିବା ପରେ ରୁପା ଛାଉଣି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଛନ୍ତି।

## ଯୁବତୀଙ୍କୁ ଅସଦାଚରଣ

### ଅବଧାନଙ୍କୁ ପୋଲିସ ଜିମା ଦେଲେ ପରିବାର ଲୋକେ

**ନିଶ୍ଚିନ୍ତକୋଇଲି,୧୬।୬(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଯୁବତୀଙ୍କ ପରିବାର ସମ୍ପୃକ୍ତ ଅବଧାନଙ୍କୁ ଏକ କାରରେ ଉଠାଇ ଆଣି ପୋଲିସ ଜିମା ଦେଇଥିବା ଜଣାଯାଇଛି। ମାହାଙ୍ଗା ଥାନା ଅଞ୍ଚଳର ଜନୈକ ବ୍ୟକ୍ତି ତାଙ୍କ ସ୍ତ୍ରୀ ଓ କନ୍ୟାଙ୍କ ସହ ବୁଧବାର ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜନୈକ ଅବଧାନଙ୍କ ଘରକୁ ଆସିଥିଲେ। ଯୁବତୀଙ୍କ ପିତାମାତାଙ୍କୁ ବାହାରେ ବସାଇ ଅବଧାନ ଜଣଙ୍କ ତାଙ୍କୁ ଏକ ଘର ଭିତରକୁ ଡାକି ନେଇ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ଯୁବତୀ ଜଣଙ୍କ ପିତାମାତାଙ୍କୁ କହିବା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇ ପଡିଥିଲା। ଏଥିରେ ପ୍ରତିହିଂସା ପରାୟଣ ହୋଇ ଯୁବତୀଙ୍କ ପିତାମାତା ସମ୍ପୃକ୍ତ ଅବଧାନଙ୍କୁ ନିଜ କାରରେ ଉଠାଇ ନେଇଥିଲେ। ପୋଲିସ ଅବଧାନଙ୍କୁ ଥାନାରେ ଅଟକ ରଖିଛନ୍ତି। ତେବେ ରିପୋର୍ଟ ଲେଖା ହେବା ବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବାର ଆଇଆଇସି ଚିନ୍ମୟୀ ସାହୁଙ୍କ ସୂତ୍ରରୁ ପ୍ରକାଶ। ଏହି ଘଟଣାଟି ଚାପି ଦେବା ନିମନ୍ତେ ରାଜନୈତିକ ମହଲରେ ପୋଲିସ ଉପରେ ଚାପ ପଡୁଥିବା ଜଣାଯାଇଛି।

## ସରିଲା ଦେବଦମ୍ପତିଙ୍କ ବିବାହ ଉତ୍ସବ

**ଖୁଣ୍ଟୁଣୀ,୧୬।୬(ଡି.ଏନ.ଏ)**

ଖୁଣ୍ଟୁଣୀ-ରମ୍ଭେଇ ମୌଜାର ଆରାଧ୍ୟ ଦେବତା ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ଦେବଦମ୍ପତିଙ୍କ ବିବାହ ଉତ୍ସବ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ନୀତି ପରେ ଅପରାହ୍ନରେ ବାଲୁଙ୍କେଶ୍ୱର ଓ ମାତା ପାର୍ବତୀଙ୍କୁ ବରକନ୍ୟା ବେଶରେ ସଜ୍ଜିତ କରାଯାଇ ମନ୍ଦିର ପରିସର ମଣ୍ଡପକୁ ନିଆଯାଇଥିଲା। ସେଠାରେ ସୀମିତ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପଣ୍ଡିତ ରବୀନ୍ଦ୍ର ପଣ୍ଡା ଓ ସୁକାନ୍ତ ଦାଶଙ୍କ ଦ୍ୱାରା ଦେବଦମ୍ପତିଙ୍କ ବିବାହ କରାଯାଇଥିଲା। କନ୍ୟାପକ୍ଷରୁ ଖୁଣ୍ଟୁଣୀ ଗ୍ରାମର ଅମରେନ୍ଦ୍ର ପ୍ରଧାନ ଓ ପ୍ରିୟଦର୍ଶିନୀ ପ୍ରଧାନ ଏବଂ ବରପକ୍ଷରୁ ପଙ୍କଜ ଜେନା ଓ ରୀନା ଜେନା ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ବୁଧବାର ବିବାହ ମଣ୍ଡପରେ ବିରାଜମାନ ଦେବଦମ୍ପତିଙ୍କୁ ବନ୍ଦାପନା କରାଯିବା ପରେ ମନ୍ଦିର ପ୍ରବେଶ ନୀତି ହୋଇଥିଲା ବୋଲି ଆୟୋଜକ ଶିବକୃପା ପରିଷଦ ସଦସ୍ୟମାନେ କହିଛନ୍ତି। ଚଳିତବର୍ଷ କରୋନା ମହାମାରୀକୁ ଦୃଷ୍ଟିରେ ରଖି ଶୋଭାଯାତ୍ରା ଓ ଗ୍ରାମ ପରିକ୍ରମା କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା।

## ପ୍ରାଧ୍ୟାପକ, ଗବେଷକଙ୍କ ଦ୍ୱାରା ଗବେଷଣାରେ ଆସିପାରିବ ଗୁଣବତ୍ତା

**କଟକ ଅଫିସ, ୧୬।୬**

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନ୍‌ଲାଇନ୍‌ରେ ରାଷ୍ଟ୍ର ସ୍ତରୀୟ ଅଧ୍ୟାପକ ସଶକ୍ତୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଛି। ଏଥିରେ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଡିଜିଟାଲ ପଦ୍ଧତିରେ ଅଧ୍ୟାପନା ଓ ଗବେଷଣାରେ ଉତ୍କୃଷ୍ଟତା ସମ୍ଭବ। ପ୍ରାଧ୍ୟାପକ ଏବଂ ଗବେଷକମାନଙ୍କ ମିଳିତ ସହଯୋଗରେ ଗବେଷଣାରେ ଗୁଣବତ୍ତା ଆସିପାରିବ। ସେହିପରି ଇଣ୍ଡିଆନ ଆସୋସିଏଶନ ଅଫ ୟୁନିଭର୍ସିଟି (ଏଆଇୟୁ)ର ପ୍ରଫେସର ଅମରେନ୍ଦ୍ର ପାଣି ଯୋଗଦେଇ କହିଥିଲେ, କରୋନା ମହାମାରୀ ସମୟରେ ଉଚ୍ଚଶିକ୍ଷା ପ୍ରଦାନ ଓ ଗବେଷଣାରେ ନୂତନ ଆହ୍ୱାନ ଆସିଛି। ସୂଚନା ଓ ସଞ୍ଚାର ଜ୍ଞାନକୌଶଳର ସଚେତନତା ଏବଂ ଏହାର ପ୍ରୟୋଗ ଉଚ୍ଚଶିକ୍ଷା ଗବେଷଣାରେ ପରିବର୍ତ୍ତନ ଆଣିପାରିବ। ଡ. ସୁଦର୍ଶନ ମିଶ୍ର ସ୍ୱାଗତ ଭାଷଣ, ଶରତ କୁମାର ରାଉତ ଅତିଥି ପରିଚୟ ପ୍ରଦାନ ଓ ପ୍ରଫେସର ବିକଳି ଚରଣ ଦାସ ଧନ୍ୟବାଦ ଦେଇଥିଲେ।

## କୋଭିଡ୍ ନିୟମ ପାଇଁ ହ୍ୱାଟ୍‌ସଆପ୍ ନମ୍ବର ଜାରି

**କଟକ ଅଫିସ, ୧୬।୬**

କୋଭିଡ୍ ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ନିୟମ ଲାଗୁ କରାଯାଇଛି। ଏହି ନିୟମକୁ ସାଧାରଣ ଲୋକେ ବୁଝିପାରୁ ନ ଥିବାବେଳେ ବିଭିନ୍ନ ସମୟରେ ଅଜାଣତରେ ନିୟମ ଭଙ୍ଗ କରୁଛନ୍ତି। ତେବେ ଏହି ନିୟମାବଳୀ ବିଷୟରେ ଜାଣିବା ପାଇଁ ନ୍ୟାଶନାଲ ଲ ୟୁନିଭର୍ସିଟିର ଆଇନ ସହାୟତା ସମିତି ଓ ସାମାଜିକ ଅନୁଷ୍ଠାନ 'ନ୍ୟାୟ'ର ସହଯୋଗରେ ଅନୁଷ୍ଠାନ ପକ୍ଷରୁ ଏକ ହ୍ୱାଟ୍‌ସଆପ୍ ନମ୍ବର(୯୬୫୦୧୦୮୧୦୭) ଜାରି କରାଯାଇଛି। ଉକ୍ତ ନମ୍ବରରେ କୋଭିଡ୍ ନିୟମ ସମ୍ବନ୍ଧରେ ଜାଣିବା ପାଇଁ ମେସେଜ ପଠାଇଲେ ଏକଘଣ୍ଟାରୁ ଦେଢ଼ ଘଣ୍ଟା ମଧ୍ୟରେ ଉପସ୍ଥିତ ଥିବା ଆଇନଜୀବୀମାନେ ଉତ୍ତର ଯୋଗାଇ ଦେବେ। ଏହି ସହାୟତା ବର୍ତ୍ତମାନ କେବଳ ଇଂଲିଶ, ହିନ୍ଦୀ, କନ୍ନଡ, ବଙ୍ଗଳା ଓ ଗୁଜୁରାଟୀ ଭାଷାରେ ଉପଲବ୍ଧ ରହିଥିବା ଜଣାଯାଇଛି।

## ଲେଖକ ପୁରୁଷୋତ୍ତମ ପଟ୍ଟନାୟକଙ୍କ ପରଲୋକ

**କଟକ ଅଫିସ, ୧୬।୬**



ସାରସ୍ୱତ ସଙ୍ଗଠକ, ଲେଖକ ତଥା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ କଳିଙ୍ଗ ଭାରତୀର ସମ୍ପାଦକ ପୁରୁଷୋତ୍ତମ ପଟ୍ଟନାୟକ(୭୮)ଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ସେ କରୋନାରେ ଆକ୍ରାନ୍ତ ହୋଇ ମେ' ୨୪ରୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ସତୀଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶାଳକ ପ୍ରେସ୍ ଫଟୋଗ୍ରାଫର ବଦ୍ରିକାନାଥ ଦାସ ମୁଖାଗ୍ନି ଦେଇଥିଲେ। ଖୋର୍ଦ୍ଧା ଜିଲା ଯାଆଁଳାଠାରେ ଜନ୍ମଗ୍ରହଣ କରିଥିବା ପୁରୁଷୋତ୍ତମ ୧୯୬୫ ମସିହାରୁ କଳିଙ୍ଗ ଭାରତୀ ଅନୁଷ୍ଠାନର ସମ୍ପାଦକ ଭାବେ କାର୍ଯ୍ୟ ନିର୍ବାହ କରିଆସୁଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଆୟୋଜନ, ଭଞ୍ଜ ମଣ୍ଡପ ନିର୍ମାଣ ସହ ଭଞ୍ଜ ଆନ୍ଦୋଳନରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରାଜ୍ୟପାଳଙ୍କଠାରୁ ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଙ୍ଗଠନ ସମ୍ମାନ ଲାଭ କରିଥିଲେ। ତାଙ୍କ ପରଲୋକରେ ଜଷ୍ଟିସ୍ ପ୍ରଦୀପ କୁମାର ମହାନ୍ତି, ଡା. ରବିରଞ୍ଜନ ସାହୁ, ଡ. ବିଜୟାନନ୍ଦ ସିଂ, ତରୁଣ କୁମାର ସାହୁ, ଡ. ସତ୍ୟ ରାୟ, ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଶଶିଭୂଷଣ ଦାସ, ବୀଣାପାଣି ସିଂହ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ପୁରୁଷୋତ୍ତମଙ୍କ ବିୟୋଗରେ କଳିଙ୍ଗ ଭାରତୀ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସଭାପତି ଡ. ରଜତ କୁମାର କର ଅଧ୍ୟକ୍ଷତା କରି ପୁରୁଷୋତ୍ତମଙ୍କ ବିୟୋଗରେ କଳିଙ୍ଗ ଭାରତୀର ଅପୂରଣୀୟ କ୍ଷତି ଘଟିଲା ବୋଲି କହିଥିଲେ। ଏହି ଅବସରରେ ପଟ୍ଟନାୟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଉପସଭାପତି ଇଂ. ଚନ୍ଦ୍ରଶେଖର ନନ୍ଦ, ପ୍ରଭାତ ନନ୍ଦ, ସମ୍ପାଦକ ଡ. ଶୈଳେଶ୍ୱର ନନ୍ଦ, ଡ. ଅଂଶୁମାନ କର ଓ ଅନୁପ ମାର୍ଥା ପ୍ରାର୍ଥନା କରିଥିଲେ।

## କଟକଣାରେ ସରିଲା ରଜ ଉତ୍ସବ

**କଟକ ଅଫିସ,୧୬।୬**

### ଆମିଷ ଦୋକାନରେ ଅସମ୍ଭାଳ ଭିଡ଼

କରୋନା କଟକଣା ମଧ୍ୟରେ ଚଳିତବର୍ଷ ଶେଷ ହୋଇଛି ରଜ ଉତ୍ସବ। ସୋମବାର ଓ ମଙ୍ଗଳବାର ଘରେ ପିଠା, ରଜ ପାନ ଖାଇ ରଜ ଉତ୍ସବ ପାଳନ କରିଥିଲେ। ଏଥିସହ ଘରେ ଲୁଡୁ ଓ ତାସ୍ ଖେଳିବାର ମଜା ନେଇଥିଲେ। ହେଲେ ବୁଧବାର ଆମିଷ ବାର ଥିବାରୁ ଲୋକମାନେ ଏହାକୁ ହାତଛଡା କରି ନ ଥିଲେ। ରାତି ପାହିଲା ବେଳକୁ ଆମିଷ ବଜାରରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଖାନ୍‌ନଗର, ନୂଆପଡା, ପୋତାପୋଖରୀ, ସେମିନାରିଛକ ଆଦି ସ୍ଥାନରେ ଲୋକମାନେ ସାମାଜିକ ଦୂରତାକୁ ଭୁଲିଯାଇ ଦୋକାନରୁ ମାଂସ ନେବା ପାଇଁ ଭିଡ ଜମାଇଥିଲେ। ତେବେ ଗୋପାଳପୁର, ନୂଆବଜାରସ୍ଥିତ ମାଂସ ଦୋକାନରେ ଅତ୍ୟଧିକ ଭିଡ ଯୋଗୁ ଲୋକଙ୍କୁ ପୋଲିସ ତାଗିଦ କରିଥିଲା।



ଆମିଷ କିଣିବା ପାଇଁ କଟକ ନୂଆପଡା ଅଞ୍ଚଳର ଦୋକାନରେ ଲୋକଙ୍କ ଗହଳି।

## ପ୍ରଶାସନ ଚୁପ୍: ଗୋଷ୍ଠୀ ସଂକ୍ରମଣ ଆଶଙ୍କା

**ନିଶ୍ଚିନ୍ତକୋଇଲି,୧୬।୬(ସ୍ୱ.ପ୍ର.)**

### ମଦ, ମାଂସ ଦୋକାନରେ ଭିଡ଼

କଟକ ଜିଲାରେ କରୋନା ସଂକ୍ରମଣ କମିବାର ନା ଧରୁନି। ଫଳସ୍ୱରୂପ କଟକ ଜିଲାର ସପ୍ତାହାନ୍ତ ଶଟ୍‌ଡାଉନ ଓ ଲକ୍‌ଡାଉନ ବଳବତ୍ତର ରହିଛି। ପ୍ରଶାସନିକ ଉଦାସୀନତା ଯୋଗୁ କେହି ସରକାରୀ କଟକଣାକୁ ମାନୁନାହାନ୍ତି। ଫଳରେ ଅନ୍ୟ ଜିଲାରେ ସଂକ୍ରମଣ କମୁଥିବା ବେଳେ ଜିଲାରେ ଆଖିଦୃଶିଆ ସଫଳତା ମିଳିପାରୁନାହିଁ। ଶେଷ ରଜ ବୁଧବାର ପଡିଥିବାରୁ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ବ୍ୟବସାୟିକ ପେଣ୍ଠସ୍ଥଳରେ ବେଆଇନ ମଦ କାରବାର ଓ ମାଂସ ଦୋକାନରେ ଅହେତୁକ ଭିଡ ପରିଲକ୍ଷିତ ହୋଇଥିଲା। ଦିନ ଦ୍ୱିପ୍ରହରରେ ସରକାରୀ ମଦ ଦୋକାନ ବନ୍ଦ ଥିବାରୁ ଏହି ଦୋକାନ ସମ୍ମୁଖରେ ବେଆଇନ ଭାବେ ବିଦେଶୀ ମଦ ବ୍ୟବସାୟ ଚାଲିଥିଲା। ଥାନାର ୧୦୦ ମିଟର ଦୂରରେ ବେଆଇନ କାରବାର ହେଉଥିଲେ ହେଁ ପୋଲିସ ଦେଖି ନ ଦେଖିବାର ଅଭିନୟ କରୁଥିବା ଅନୁମାନ କରାଯାଉଛି। ମଧ୍ୟାହ୍ନ ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲା। ସତେ ଯେପରି ପ୍ରଶାସନିକ ଇଙ୍ଗିତରେ ମଦ, ମାଂସ ଦୋକାନ ଖୋଲା ଯାଇଛି। ବ୍ଲକର ନିଶ୍ଚିନ୍ତକୋଇଲି ବଜାରରେ ୧୪ରୁ ଊର୍ଦ୍ଧ୍ୱ ମାଂସ ଦୋକାନରେ ଏପରି ଭିଡ଼ ପରିଲକ୍ଷିତ ହୋଇଥିଲା, ସତେ ଯେପରି ଲୋକମାନେ ମାଂସ କିଣିବା ସାଙ୍ଗରେ ସଂକ୍ରମଣ କିଣୁଥିଲେ। ନା ଥିଲା ସାମାଜିକ ଦୂରତା ନା ଥିଲା କାହା ମୁହଁରେ ମାସ୍କ। ଏପରିକି ମାଂସ ଦୋକାନରେ ବ୍ୟବସାୟୀମାନେ ଗ୍ରାହକଙ୍କ ଭିଡ଼ ଦେଖି ମାଂସର ଦର ବୃଦ୍ଧି ସାଙ୍ଗକୁ ପାଣି ମିଶାଇ ଅପମିଶ୍ରଣ କରି ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ବ୍ଲକ ପାଇଁ ତହସିଲଦାର ଓ ପୋଲିସ ପକ୍ଷରୁ ଦୁଇଟି ଟିମ୍ କରାଯାଇ ଜନଗହଳିକୁ ରୋକିବାକୁ ବ୍ୟବସ୍ଥା କରାଯାଇଥିଲେ ହେଁ କେଉଁ ଉଦ୍ଦେଶ୍ୟରେ ବୁଧବାର ସମସ୍ତେ ନୀରବଦ୍ରଷ୍ଟା ସାଜିଥିଲେ ତାହା ତଦନ୍ତସାପେକ୍ଷ। ଏଭଳି ଭିଡ଼ ହେବା କାରଣରୁ ବ୍ଲକ ଅଞ୍ଚଳରେ ଗୋଷ୍ଠୀ ସଂକ୍ରମଣ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ମାନସ ରଞ୍ଜନ ତରାସିଆ କୁହନ୍ତି, ୧୧ଟା ପର୍ଯ୍ୟନ୍ତ ଭିଡ଼ ରହିଥିଲା, ପରେ ଏହା ନିୟନ୍ତ୍ରଣକୁ ଆସିଥିଲା। ରଜ ଉତ୍ସବ ଥିବାରୁ ଭିଡ ଦେଖିବାକୁ ମିଳିଥିଲା। ଆଇଆଇସି ଚିନ୍ମୟୀ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ମଦ ଦୋକାନ ସମ୍ମୁଖରେ ଲୋକଙ୍କ ଭିଡ଼।

## ବିଦେଶ ଯାଉଥିବା ଲୋକଙ୍କ ଦ୍ୱିତୀୟ ଡୋଜ୍ ଟିକାକରଣକୁ ପ୍ରାଧାନ୍ୟ

**ଭୁବନେଶ୍ୱର,(ବ୍ୟୁରୋ):** ପାଠ ପଢ଼ିବା, ଚାକିରି ଓ ଟୋକିଓ ଅଲିମ୍ପିକ୍ସରେ ଯୋଗଦେବା ପାଇଁ ବିଦେଶ ଯିବାକୁ ଥିବା ଲୋକଙ୍କୁ ଦ୍ୱିତୀୟ ଡୋଜ୍ କୋଭିଶିଲ୍ଡ ଟିକାକରଣ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ କିମ୍ବା ଅତିରିକ୍ତ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଏହି ବର୍ଗର ହିତାଧିକାରୀଙ୍କ ଟିକାକରଣ କାର୍ଯ୍ୟକ୍ରମର କର୍ତ୍ତୃପକ୍ଷ ହୋଇପାରିବେ। ଏମାନଙ୍କୁ କେବଳ ସରକାରୀ ଅଧିକୃତ କୋଭିଡ୍ ଟିକାକରଣ କେନ୍ଦ୍ରରେ ଟିକା ନେବାକୁ ଅନୁମତି ମିଳିବ। ଟିକା ଦେବାବେଳେ ସମସ୍ତ ତଥ୍ୟକୁ ଯାଞ୍ଚ କରିବା ପାଇଁ କୁହାଯାଇଛି। ଏହି ଟିକାକରଣ ଅଗଷ୍ଟ ୩୧ ଯାଏ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖାଯାଇଛି।



**ସଂକ୍ଷେପରେ**

## ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୬୫ ଆକ୍ରାନ୍ତ, ୨୨୦ ସୁସ୍ଥ

**ଖୋର୍ଦ୍ଧା ଅଫିସ,୧୬।୬ :** ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ଧୀରେ ଧୀରେ ଖସିବାରେ ଲାଗିଛି। ଏଥିସହ ଦୈନିକ ସୁସ୍ଥହାର ମଧ ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ବୁଧବାର ୧୬୫ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୨୨୦ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ନୂତନ ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲିଅନ୍ତା୧୬, ବାଲିପାଟଣା ୯, ଭୁବନେଶ୍ୱର ୧୩, ଜଟଣୀ ୧୬, ଖୋର୍ଦ୍ଧା ୨୮, ବେଗୁନିଆ ୨୧, ବୋଲଗଡ ୮, ଟାଙ୍ଗୀ ୩୩, ଚିଲିକା ୧୫ ଏବଂ ବାଣପୁରରୁ ୬ ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ଖୋର୍ଦ୍ଧା ଗ୍ରାମାଞ୍ଚରେ ବୁଧବାର ସୁଦ୍ଧା ୨୪୩୪୧ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୩୧୫୧ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବର୍ତ୍ତମାନ ସୁଦ୍ଧା କରୋନାରେ ୬୯ଜଣଙ୍କ ମୃତ୍ୟୁ ଘଟିଛି। ୧୧୨୧ସକ୍ରିୟ ସଂକ୍ରମିତ ରହିଛନ୍ତି। ସେହିଭଳି ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ ୨୨,୧୫୫୧ଜଣଙ୍କୁ ଟିକା ଦିଆଯାଇଛି। ବୁଧବାର ୧୩ଟି କେନ୍ଦ୍ରରେ ୧୦୯୭ଜଣଙ୍କୁ ଟିକା ଦିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଗୋବିନ୍ଦପୁର ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ

**ବେଗୁନିଆ,୧୬।୬(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ଯଜ୍ଞ ମଣ୍ଡପରେ ବୁଧବାର ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଶୀତଳଷଷ୍ଠୀ ପାଳନ ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଏହି ଯଜ୍ଞ କୋଭିଡ୍ ନିୟମ ଅନୁଯାୟୀ ଆୟୋଜନ କରାଯାଇଥିଲା। ପୂର୍ବାହ୍ନ ସମୟରେ ଗ୍ରାମର ୫ମଣ୍ଡଳ ଠାକୁର ଯଥା ଗୋପୀନାଥ ଦେବ, ଗୋପାଳ ଜୀଉ, ରାଧାକାନ୍ତ ଦେବ, ରଘୁନାଥ ଦେବ ଏବଂ ବାଲୁଙ୍କେଶ୍ୱର ଦେବ ଦୋଳ ବିମାନରେ ବସି ଶ୍ରଦ୍ଧାଳୁମାନଙ୍କ କାନ୍ଧରେ ଗ୍ରାମ ପରିକ୍ରମା କରିଥିଲେ। ପରେ ଯଜ୍ଞ ବେଦିକୁ ନିମନ୍ତ୍ରିତ ହୋଇ ଆସି ୫ଚଳନ୍ତି ପ୍ରତିମାଙ୍କର ମହାମିଳନ ହୋଇଥିଲା। ଯଜ୍ଞାଚାର୍ଯ୍ୟ ଭକ୍ତବନ୍ଧୁ ଷଡ଼ଙ୍ଗୀ ଏବଂ କର୍ତ୍ତା ରାମଚନ୍ଦ୍ର ମହାପାତ୍ର ଯଜ୍ଞ କାର୍ଯ୍ୟକୁ ବିଧି ମୁତାବକ ସମ୍ପନ୍ନ କରିଥିଲେ। ଶୁଭ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ ଏବଂ ପୂର୍ଣ୍ଣାହୁତି କରାଯାଇଥିଲା। ଯଜ୍ଞ କମିଟି ସଭାପତି ରଞ୍ଜିତ ତ୍ରିପାଠୀ, ସମ୍ପାଦକ ସରୋଜ ବେହେରା, କୋଷାଧକ୍ଷ ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ବାଲିଅନ୍ତା,୧୬।୬(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ବଇଁଚୁଆ ପଞ୍ଚାୟତର ଭେଲୁରି ଗ୍ରାମରେ ବୁଧବାର ଅପରାହ୍ନରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତା ହେଲେ ରାଜଶ୍ରୀ ସାହୁ(୩୬)। ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରାଜଶ୍ରୀ ୧୦ବର୍ଷ ତଳେ କଟକର ଚାଉଳିଆଗଞ୍ଜ ଅଞ୍ଚଳରେ ବିବାହ କରିଥିଲେ। ୧ବର୍ଷ ହେବ ବାଲିଅନ୍ତାରସ୍ଥିତ ବାପଘରେ ଆସି ରହୁଥିଲେ। ବୁଧବାର ରାଜଶ୍ରୀ ନିଜ ରୁମ୍‌ରେ ଏକ ଓଢ଼ଣିରେ ଝୁଲିପଡ଼ିଥିଲେ। ପରେ ହସ୍ପିଟାଲ ନେବାରୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ପ୍ରେମ, ପ୍ରତାରଣାରୁ ପ୍ରତିଶୋଧ

**ଖୋର୍ଦ୍ଧା ଅଫିସ,୧୬।୬**

ଠାକୁରପଡ଼ାରେ ଉମାକାନ୍ତ ସାହୁ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ନଟିଆ ଓରଫ ଅମୂଲ୍ୟ ସାହୁଙ୍କ ସମେତ ତାଙ୍କ ମା’ ସୁଲୋଚନା, ସାନ ଭଉଣୀ ମିଲି ଓରଫ ମମତାଙ୍କୁ ବୁଧବାର ଖୋର୍ଦ୍ଧା ଟାଉନ ଥାନା ପୋଲିସ ଗିରଫ କରିଛି। ଅନ୍ୟତମ ଅଭିଯୁକ୍ତ ତଥା ନଟିଆଙ୍କ ବାପା ନୃସିଂହ ସାହୁ ଫେରାର ଅଛନ୍ତି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡ୍, ପାଇପ, କଟୁରୀକୁ ପୋଲିସ ଜବତ କରିଛି। ପ୍ରେମ ଓ ପ୍ରତାରଣାରୁ ପ୍ରତିଶୋଧ ପରାୟଣ ହୋଇ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ବୁଧବାର ଟାଉନ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ସୁଶିଳ ମିଶ୍ର ସୂଚନା ଦେଇଛନ୍ତି।

ଠାକୁରପଡ଼ାର ଉମାକାନ୍ତଙ୍କ ସହ ୨୦୦୮ ମସିହାରେ ସେହି ଗ୍ରାମର ନୃସିଂହ ସାହୁଙ୍କ ଝିଅ ପ୍ରଭାସିନୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉମାକାନ୍ତ ବିବାହ ପ୍ରଲୋଭନ ଦେଖାଇ ପ୍ରଭାସିନୀଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ପରେ ତାଙ୍କୁ ବିବାହ ଲାଗି ମନା କରିଥିଲେ। ଲୋକଲଜ୍ଜା ଭୟରେ ପ୍ରଭାସିନୀ ବାଲୁଗାଁ ଷ୍ଟେଶନରେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏନେଇ ଜିଆର୍‌ପି ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ଅନ୍ୟପଟେ ଝିଅର ବାପାଙ୍କ ଅଭିଯୋଗ କ୍ରମେ ସେତେବେଳେ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ଉମାକାନ୍ତ ହାଇକୋର୍ଟରୁ ଜାମିନ ପାଇଥିଲେ। ଘଟଣା ପରଠାରୁ ସେ ଗାଁ ଛାଡ଼ି ଫେରାର ହୋଇଯାଇଥିଲେ। ସେ ବାହାର ରାଜ୍ୟରେ ରହି କାମ କରୁଥିଲେ। ଝିଅକୁ ହରାଇ ନୃସିଂହଙ୍କ ପରିବାର ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ଉମାକାନ୍ତଙ୍କୁ ଜୀବନରୁ ହଟାଇବା ଲାଗି ସୁଯୋଗ ଖୋଜୁଥିଲେ। ଦୁଇଦିନ ତଳେ ଉମାକାନ୍ତ ଗାଁକୁ ଫେରିଥିବା ଅମୂଲ୍ୟ ଜାଣିବାକୁ ପାଇଥିଲେ। ଏ ନେଇ ସେ ବାପା ଓ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଉମାକାନ୍ତଙ୍କ ଗତିବିଧି ଉପରେ ମଧ ନଜର ରଖିଥିଲେ। ମଙ୍ଗଳବାର ରାତି ପ୍ରାୟ ୮ଟାରେ ଠାକୁରପଡା ନୂଆସାହି ଛକରେ ଉମାକାନ୍ତ ଏକ ପାନ ଦୋକାନ ଆଗରେ ଠିଆ ହୋଇଥିଲେ। ସେଠାରେ ଉମାକାନ୍ତଙ୍କୁ ଦେଖି ଅମୂଲ୍ୟ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ୧୩ବର୍ଷ ତଳର ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ନୃସିଂହ, ତାଙ୍କ ସ୍ତ୍ରୀ ସୁଲୋଚନା, ଝିଅ ମମତା ମାରଣାସ୍ତ୍ର ଧରି ପହଞ୍ଚିଥିଲେ। ଉମାକାନ୍ତ ସେଠାରୁ ଖସିଯିବାକୁ ଉଦ୍ୟମ କରିବା ବେଳେ ସମସ୍ତେ ମିଶି ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଅମୂଲ୍ୟ ତାଙ୍କ ମୁଣ୍ଡକୁ ଲୁହାରଡ୍‌ରେ ପିଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉମାକାନ୍ତ ତଳେ ପଡ଼ିଯାଇଥିଲେ। ସେଠାରୁ ସେ କଷ୍ଟେମଷ୍ଟେ ଉଠି ଦୌଡିବା ବେଳେ ସମସ୍ତେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଉମାକାନ୍ତଙ୍କ ପରିବାର ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତକଙ୍କ ଭଉଣୀଙ୍କ ଅଭିଯୋଗ ଭିତ୍ତିରେ ପୋଲିସ ଏନେଇ ଥାନାରେ ଦଫା ୩୦୨, ୩୭୯, ୩୪ ଆଇପିସିରେ ଏକ କେସ୍ (ନଂ. ୨୩୮/୦୮) ରୁଜୁ କରି ତଦନ୍ତ ଜାରି ରଖିଥିଲା।

ଏସଡିପିଓ ମିଶ୍ରଙ୍କ ନେତୃତ୍ୱରେ ତଦନ୍ତ ଅଧିକାରୀ ତଥା ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ସହ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବିଳମ୍ବିତ ରାତିରେ ମୁଖ୍ୟ ଅଭିଯୁକ୍ତ ଅମୂଲ୍ୟ ଧରାପଡ଼ିଥିଲେ। ତାଙ୍କୁ ଥାନାକୁ ଆଣି ପଚରାଉଚୁରା ବେଳେ ସେ ଉପରୋକ୍ତ ଘଟଣା ସମ୍ପର୍କରେ ସ୍ୱୀକାର କରିଥିଲେ। ସେ କହିଥିଲେ ଯେ, ପ୍ରେମ ଓ ପ୍ରତାରଣାରୁ ତାଙ୍କ ଭଉଣୀ ଆତ୍ମହତ୍ୟା କରିବାକୁ ବାଧ ହୋଇଥିଲେ। ସେହି ଦିନଠାରୁ ଉମାକାନ୍ତଙ୍କୁ ସବୁଦିନ ଲାଗି ରାସ୍ତାରୁ ହଟାଇବା ଲାଗି ସ୍ଥିର କରିଥିଲେ। ଉମାକାନ୍ତଙ୍କ ପରିବାର ଉପରେ ନଜର ରଖିବା ଆରମ୍ଭ କରିଥିଲେ। ଉମାକାନ୍ତ ଗାଁକୁ ଫେରିଥିବା ଜାଣିବା ପରେ ତାଙ୍କ ମନରେ କୁହୁଳିଥିବା ପ୍ରତିଶୋଧର ଅଗ୍ନି ଜଳି ଉଠିଥିଲା। ଉମାକାନ୍ତଙ୍କୁ ହତ୍ୟା କରିବାକୁ ସେ ଯୋଜନା କରିଥିଲେ ବୋଲି ଅମୂଲ୍ୟ ସ୍ୱୀକାର କରିଥିବା ଏସଡିପିଓ ମିଶ୍ର ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତମାନେ।

**ଠାକୁରପଡ଼ାରେ ଯୁବକଙ୍କୁ ହତ୍ୟା ମାମଲା**

- ମୁଖ୍ୟ ଅଭିଯୁକ୍ତ ନଟିଆ, ମା, ଭଉଣୀ ଗିରଫ
- ବାପା ଫେରାର, ମାରଣାସ୍ତ୍ର ଜବତ



## ମହିଳାଙ୍କ ଭ୍ୟାନିଟି ଝାମ୍ପିନେଲେ ଦୁର୍ବୃତ୍ତ

- ଏନ୍‌ଏଚ୍‌ରେ ଟାର୍ଗେଟ ଦମ୍ପତି
- ପୋଲିସକୁ ଖୋଲା ଚ୍ୟାଲେଞ୍ଜ

**ଖୋର୍ଦ୍ଧା ଅଫିସ,୧୬।୬**

ଭୁବନେଶ୍ୱରଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥରେ ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଏନ୍‌ଏଚ୍‌ରେ ଯାତ୍ରା କରୁଥିବା ଦମ୍ପତିଙ୍କୁ ଟାର୍ଗେଟ କରୁଛନ୍ତି ଲୁଟେରା। ନିକଟରେ ଟାଙ୍ଗୀ ବାଇପାସ ନିକଟରେ ଜଣେ ଦମ୍ପତିଙ୍କଠାରୁ ଏକ ବ୍ୟାଗ ଝାମ୍ପି ନେଇଥିବା ବେଳେ ବୁଧବାର ତାପଙ୍ଗ ଛକ ନିକଟରୁ ଜଣେ ମହିଳାଙ୍କ କାନଫୁଲ ଟାଣି ବିଫଳ ହେବା ପରେ ଭ୍ୟାନିଟି ଝାମ୍ପି ଫେରାର ହୋଇଯାଇଛନ୍ତି। ଏ ନେଇ ଦମ୍ପତି ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ତରାବେଇର ସନ୍ତୋଷ ମିଶ୍ର ଓ ତାଙ୍କ ସ୍ତ୍ରୀ ଅଳକା ବାଇକ୍‌ରେ ବୁଧବାର ସକାଳେ କୌଣସି କାମରେ ନିରାକାରପୁର ଆସି ଘରକୁ ଫେରୁଥିଲେ। ତାପଙ୍ଗ ଛକ ନିକଟରେ ପୂର୍ବରୁ ପଛରେ ପିଛା କରୁଥିବା ୨ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ପ୍ରଥମେ ଅଳକାଙ୍କ କାନଫୁଲ ଟାଣିଥିଲେ। ସେ ସତର୍କ ହୋଇଯିବାରୁ ତାଙ୍କ ହାତରୁ ଭ୍ୟାନିଟି ବ୍ୟାଗ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଥିରେ ଏକ ଦାମୀ ମୋବାଇଲ, ମଙ୍ଗଳସୂତ୍ର, ଅତ୍ୟାବଶ୍ୟକ କାଗଜପତ୍ର ରହିଥିବା ସେ ଉଲ୍ଲେଖ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି। ହାଇୱେରେ ପୋଲିସକୁ ଖୋଲା ଚାଲେଞ୍ଜ ଦେଇ ଲୁଟେରାମାନେ ଲୁଟ୍ କରି ଚାଲଛନ୍ତି। ତେଣୁ କଡ଼ା ଚେକିଂ କରିବାକୁ ସାଧାରଣରେ ଦାବି ହେଉଛି।



**ପୁରୀ:** ପଞ୍ଚମହାଦେବଙ୍କ ମଧ୍ୟରୁ ଜମ୍ବେଶ୍ୱର ମହାଦେବଙ୍କୁ ସେବକମାନେ ଗୁଆଲି ଯାତ୍ରାରେ ଶ୍ରୀମନ୍ଦିରକୁ ଦୋହଲରେ ନେଉଛନ୍ତି।

## କରୋନା ଯୋଦ୍ଧାଙ୍କୁ ଭାଜପା ନେତାଙ୍କ ସମ୍ବର୍ଦ୍ଧନା

**ବୋଲଗଡ,୧୬।୬(ଡି.ଏନ୍.ଏ.)**

ବୋଲଗଡ଼ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନାଧିକାରୀ ବିଦିତା ନାୟକ, ଏସ୍‌ଆଇ ମନୋଜ ଦାସ, ଏସ୍‌ଆଇ ସୁଜାତା ପଲେଇ, ଏଏସ୍‌ଆଇ ଦୀନବନ୍ଧୁ ସେଠୀଙ୍କୁ କରୋନା ଯୋଦ୍ଧା ଭାବରେ ବୋଲଗଡ-ବେଗୁନିଆର ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଋଷଭ ନନ୍ଦ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଏମ୍‌ପିଙ୍କ ପ୍ରତିନିଧି ଲୋତକ ବିନ୍ଦୁ ପଟ୍ଟନାୟକ, ବୋଲଗଡ଼ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ମଣ୍ଡଳ ସମ୍ପାଦକ ଚଇ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲରେ ପଡ଼ିଥିବା ମୃତଦେହ ଜବତ

**ବ୍ରହ୍ମଗିରି, ୧୬।୬(ଡି.ଏନ୍.ଏ.)**

ବ୍ରହ୍ମଗିରି ଥାନା ସାହାଜାନପୁର ଜଙ୍ଗଲ ନିକଟରେ ମଙ୍ଗଳବାର ପଡିଥିବା ଏକ ଅଚିହ୍ନା ବୃଦ୍ଧାଙ୍କ ମୃତଦେହକୁ ପୋଲିସ ବୁଧବାର ଜବତ କରିଛି। ଏ ନେଇ ପୋଲିସ ମାମଲା (ନଂ.୮/୨୧) ରୁଜୁ କରିଛି। ସାହାଜାନପୁର ଓ ହାସିନପୁର ଗ୍ରାମ୍ୟ ଜଙ୍ଗଲ ସୀମାନ୍ତ ବଣିଆ ଖିଆ ଜଙ୍ଗଲ ନିକଟରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ବୁଧବାର ସକାଳୁ ବ୍ରହ୍ମଗିରି ପୋଲିସ, ସାଇଣ୍ଟିଫିକ ଟିମ ପହଞ୍ଚି ମୃତଦେହଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

## ଲେଖକ ପୁରୁଷୋତ୍ତମ ପଟ୍ଟନାୟକଙ୍କ ପରଲୋକ

**କଟକ ଅଫିସ, ୧୬।୬**

ସାରସ୍ୱତ ସଙ୍ଗଠକ, ଲେଖକ ତଥା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ କଳିଙ୍ଗ ଭାରତୀର ସମ୍ପାଦକ ପୁରୁଷୋତ୍ତମ ପଟ୍ଟନାୟକ(୭୮)ଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ସେ କରୋନାରେ ଆକ୍ରାନ୍ତ ହୋଇ ମେ’ ୨୪ରୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ସତୀଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶାଳକ ପ୍ରେସ୍ ଫଟୋଗ୍ରାଫର ବଦ୍ରିକାନାଥ ଦାସ ମୁଖାଗ୍ନି ଦେଇଥିଲେ।

ଖୋର୍ଦ୍ଧା ଜିଲା ଯାଆଁଳାଠାରେ ଜନ୍ମଗ୍ରହଣ କରିଥିବା ପୁରୁଷୋତ୍ତମ ୧୯୬୫ ମସିହାରୁ କଳିଙ୍ଗ ଭାରତୀ ଅନୁଷ୍ଠାନର ସମ୍ପାଦକ ଭାବେ କାର୍ଯ୍ୟ ନିର୍ବାହ କରିଆସୁଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଆୟୋଜନ, ଭଞ୍ଜ ମଣ୍ଡପ ନିର୍ମାଣ ସହ ଭଞ୍ଜ ଆନ୍ଦୋଳନରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରାଜ୍ୟପାଳଙ୍କଠାରୁ ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଙ୍ଗଠନ ସମ୍ମାନ ଲାଭ କରିଥିଲେ। ତାଙ୍କ ପରଲୋକରେ ଜଷ୍ଟିସ୍ ପ୍ରଦୀପ କୁମାର ମହାନ୍ତି, ଡା. ରବିରଞ୍ଜନ ସାହୁ, ଡ. ବିଜୟାନନ୍ଦ ସିଂ, ତରୁଣ କୁମାର ସାହୁ, ଡ. ସତ୍ୟ ରାୟ, ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଶଶିଭୂଷଣ ଦାସ, ବୀଣାପାଣି ସିଂହ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ପୁରୁଷୋତ୍ତମଙ୍କ ବିୟୋଗରେ କଳିଙ୍ଗ ଭାରତୀ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସଭାପତି ଡ. ରଜତ କୁମାର କର ଅଧକ୍ଷତା କରି ପୁରୁଷୋତ୍ତମଙ୍କ ବିୟୋଗରେ କଳିଙ୍ଗ ଭାରତୀର ଅପୂରଣୀୟ କ୍ଷତି ଘଟିଲା ବୋଲି କହିଥିଲେ। ଏହି ଅବସରରେ ପଟ୍ଟନାୟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଉପସଭାପତି ଇଂ. ଚନ୍ଦ୍ରଶେଖର ନନ୍ଦ, ପ୍ରଭାତ ନନ୍ଦ, ସମ୍ପାଦକ ଡ. ଶୈଳେଶ୍ୱର ନନ୍ଦ, ଡ. ଅଂଶୁମାନ କର ଓ ଅନୁପ ମାର୍ଥା ପ୍ରାର୍ଥନା କରିଥିଲେ।

# ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ୮ ଦ୍ୱାର ରୁପା ଛାଉଣି

**ପୁରୀ ଅଫିସ, ୧୬।୬**

ଶ୍ରୀମନ୍ଦିରର ୮ ଦ୍ୱାର ରୁପାରେ ଛାଉଣି ହେବ। ସେଥିମଧ୍ୟରେ ୫ଟି ମୁଖ୍ୟ ମନ୍ଦିରର କବାଟ ହୋଇଥିବା ବେଳେ ୩ଟି ପାର୍ଶ୍ୱଦେବଦେବୀ ଯଥା ଆଦିନୃସିଂହ, ମା’ ବିମଳା ଏବଂ ମା’ ଲକ୍ଷ୍ମୀ ମନ୍ଦିରର କବାଟ ରହିଛି। କବାଟରେ ପାଖାପାଖି ୨ ଟନ ରୁପା ବ୍ୟବହାର କରାଯିବ। ମୁମ୍ବାଇର ଜଣେ ଦାତା ସମସ୍ତ ରୁପା ଦାନସୂତ୍ରରେ ଦେବାକୁ ରାଜି ହୋଇଛନ୍ତି। ରୁପାଦ୍ୱାର ଛାଉଣି ପାଇଁ ୧୩୪୫ କେଜି ରୁପା ଦାନସୂତ୍ରରେ ମିଳିଛି। ପରୀକ୍ଷାମୂଳକ ଭାବେ ପ୍ରଥମେ ତିନିଦ୍ୱାର ରୁପା ଛାଉଣି କରାଯିବ। ଏହାପରେ କଳାହାଟ ଓ ଅନ୍ୟ ୪ ପାର୍ଶ୍ୱଦେବଦେବୀ ମନ୍ଦିରର ରୁପା ଛାଉଣି ହେବ ବୋଲି ବୁଧବାର ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ସୂଚନା ଦେଇଛନ୍ତି।

ମୁଖ୍ୟ ପ୍ରଶାସକ କହିଛନ୍ତି, ପ୍ରଥମେ ଶ୍ରୀମନ୍ଦିରର ୪ଟି ଦ୍ୱାର ରୁପାଛାଉଣି ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ ଜୟବିଜୟ ଦ୍ୱାର ଓ ଭୋଗମଣ୍ଡପ ଘର ରୁପାଛାଉଣି କରାଯିବାକୁ ବୈଠକରେ ସ୍ଥିର ହୋଇଛି। ଏହାର ଡିଜାଇନ ଚୂଡ଼ାନ୍ତ ହୋଇଛି। କବାଟ କାମ ସରିବା ପରେ ରୁପାଛାଉଣି କରାଯିବ। ପ୍ରାୟ ୧୫ଜଣ କାରିଗର ଏହି କାର୍ଯ୍ୟ କରିବେ। ଏଥିପାଇଁ ଆବଶ୍ୟକ ବର୍ମାଟିକ୍ କାଠ ପହଞ୍ଚି ସାରିଛି। କାର୍ଯ୍ୟ ତତ୍ତ୍ୱାବଧାନ ପାଇଁ ଇଞ୍ଜିନିୟର ଓ ସେବାୟତଙ୍କୁ ନେଇ ଦୁଇଟି କମିଟି ଗଠନ କରାଯାଇଛି। ପ୍ରଥମ କମିଟିରେ ଇଞ୍ଜିନିୟରଙ୍କ ସମେତ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତି ଏବଂ ଏଏସଆଇର ଜଣେ ଅଧିକାରୀ ସଦସ୍ୟ ରହିବେ। ୫ରୁ ୬ଜଣଙ୍କୁ ନେଇ କମିଟି ଗଠନ ହେବ। ସେହିପରି ୭ରୁ ୮ ଜଣ ସେବାୟତଙ୍କୁ ନେଇ ଆଉ ଗୋଟିଏ କମିଟି ଗଠନ କରାଯିବ। ମୂଳ ଦ୍ୱାରର ଡିଜାଇନ୍ ଅକ୍ଷୁଣ୍ଣ ରହିବା ସହ ଉତ୍କଳୀୟ କଳା ସ୍ଥାପତ୍ୟର ଡିଜାଇନ୍ ମଧ ସ୍ଥାନ ପାଇବ। ଏଏସ୍‌ଆଇ ଠାରୁ ଅନୁମତି ଅଣାଯିବା ପରେ ରୁପା ଛାଉଣି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଛନ୍ତି।

# ଚୋଟ ଖାଇ ସାପ ଧରିବା ଶିଖିଛନ୍ତି ଉମ୍ବୁରଧର

**ନିରାକାରପୁର,୧୬।୬(ଡି.ଏନ୍.ଏ.)**

ସାଧାରଣରେ ଆମେ ଯେତେବେଳେ କେଉଁଠି ଗୋଟିଏ ସାପ ଦେଖୁ ହଠାତ୍ ଭୟଭୀତ ହୋଇଯାଉ। କାମୁଡ଼ି ଦେବା ଭୟରେ ସେ ଜାଗା ଛାଡ଼ି ଚାଲିଯାଉ। ହେଲେ ଏମିତି ଜଣେ ବ୍ୟକ୍ତି ଅଛନ୍ତି ସାପକୁ ଭୟ ନ କରି ସାହସିକତାର ସହ ଧରିବାକୁ ଯାଇ ଚୋଟ ମଧ ଖାଇଛନ୍ତି। ଏପରି ୨/୩ଥରରୁ ଊର୍ଦ୍ଧ୍ୱ ଚୋଟ ଖାଇବା ପରେ ସାପ ଧରିବାର ଶୈଳୀ ଶିଖିଯାଇଛନ୍ତି। ସେ ହେଉଛନ୍ତି ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନନପଡା ଗ୍ରାମର ଉମ୍ବୁରଧର ରାଉତରାୟ(୪୩)। ଏବେ ସେ ଖୁବ ଚତୁରତାର ସହ ସାପ ସହିତ ଖେଳି ଧରି ନେଉଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଉମ୍ବୁରଧର ୧୦୦୦ରୁ ଊର୍ଦ୍ଧ୍ୱ ସାପ ଧରି ବନ ବିଭାଗକୁ ଦେବା ସହ କିଛି ନିକଟସ୍ଥ ଜଙ୍ଗଲରେ ମଧ ଛାଡ଼ିଛନ୍ତି। ସାପ ଧରିବା ଏବେ ତାଙ୍କର ନିଶା ପାଲଟିଯାଇଛି। ଯେତେ ବିଷଧର ସାପ ହେଲେ ମଧ ସେ ତାକୁ ଅତି ସହଜରେ କାବୁକରି ଧରିବାରେ ମାହିର। ନିରାକାରପୁର ସମେତ ଏହାର ଆଖପାଖ ଅଞ୍ଚଳ ପାହାଡ଼ିଆ ଏବଂ ଜଙ୍ଗଲିଆ ହୋଇଥିବାରୁ ପ୍ରତ୍ୟେକ ସମୟରେ ସାପ ଧରିବା ପାଇଁ ଅନେକ ଆଡୁ ଉମ୍ବୁରଙ୍କ ଡକରା ଆସିଥାଏ। ସାପ ଧରିବା ମଧ୍ୟରେ ସେ ଅନେକଥର ଅତ୍ୟନ୍ତ ବିଷଧର ସାପଙ୍କଠାରୁ ମଧ ଚୋଟ ଖାଇଛନ୍ତି। ଦୁଇଥର ଡମ୍ପଠାରୁ ଓ ଗୋଟିଏଥର ନାଗ କାମୁଡ଼ି ଦେଇଥିଲେ ମଧ ଉମ୍ବୁରଧର ଭୟ କରିନାହାନ୍ତି କି ସାପ ଧରିବା କେବେ ଛାଡ଼ିନାହାନ୍ତି। ତେବେ ଏ ନେଇ ଉମ୍ବୁରଧର କହିଛନ୍ତି, ୩୦ବର୍ଷ ହୋଇଥିବା ବେଳେ ଆମ ଘରେ ଗୋଟିଏ ନାଗ ସାପ ପଶିଯାଇଥିଲା। ବହୁ ଚେଷ୍ଟା ସତ୍ତ୍ୱେ ସାପଟି ଘରୁ ନ ଯିବାରୁ ଘରଲୋକ ଭୟଭୀତ ହୋଇଯାଇଥିଲେ। ସାପଟି ଗୋଟିଏ ଥାଳି ଉପରକୁ ଚାଲିଯାଇଥିଲା। ମୁଁ ସେ ଥାଳିକି ଧରି ବାରିପଟେ ଥିବା ଏକ ହୁଙ୍କାରେ ଛାଡିଦେଇଥିଲି ସେ ଦିନଠାରୁ ମତେ ସାପ ଧରିବା ଆଗ୍ରହ ଆସିଥିଲା। ଏବେ ସୁଦ୍ଧା ପ୍ରାୟ ୧୦୦୬ଟି ସାପ ଧରି ନିକଟସ୍ଥ ପାହାଡ଼ରେ ଛାଡ଼ିଦେଇଛି। କିନ୍ତୁ ସାପ ଧରିବା ପାଇଁ କୌଣସି ତାଲିମ କି ଶିକ୍ଷା ଲାଭ କରିନାହିଁ। ଏପରିକି କାହାଠାରୁ କିଛି ଅର୍ଥ ମଧ ନେଉନାହିଁ। ଏହା ହେଉଛି ମୋର ଜନସାଧାରଣଙ୍କ ପାଇଁ ଗୋଟେ ସେବା ବୋଲି ସେ ପ୍ରକାଶ କରିଛନ୍ତି।



ଉମ୍ବୁରଧର ଏକ ନାଗକୁ ଉଦ୍ଧାର କରିଛନ୍ତି।

**କୌଣସି ସ୍ୱତନ୍ତ୍ର ତାଲିମ ନେଇନାହାନ୍ତି**

# ସରପଞ୍ଚଙ୍କୁ ତାଲା ପକାଇଲେ ମହିଳା ଗୋଷ୍ଠୀ

**ବୋଲଗଡ,୧୬।୬(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତରେ ମାଛଚାଷ ପାଇଁ ପୋଖରୀ ନିଲାମକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରଲୁଣ୍ଡା ଗ୍ରାମର ଏକ ନିର୍ଦ୍ଦିଷ୍ଟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କେତେଜଣ ସଦସ୍ୟା ପୋଖରୀ ନିଲାମ ନ ପାଇ ପାରି ଉତ୍ତେଜିତ ହୋଇ ବୁଧବାର ସରପଞ୍ଚଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରେ ଦୀର୍ଘ ୨ ଘଣ୍ଟା କାଳ ତାଲା ପକାଇ ଧାରଣା ଦେଇଛନ୍ତି। ଖବରପାଇ ବୋଲଗଡ଼ ଥାନା ପୋଲିସ ଅପରାହ୍ନ ୨ରେ ଘଟଣାସ୍ଥଳରେ ପହଞ୍ଚି ମହିଳା ଗୋଷ୍ଠୀଙ୍କୁ ବୁଝାଶୁଝା କରି ପଞ୍ଚାୟତ କାର୍ଯ୍ୟାଳୟରୁ ସରପଞ୍ଚ ବାସୁଦେବ ପରିଡାଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ ଜଣେ କର୍ମଚାରୀଙ୍କୁ ଉଦ୍ଧାର କରିଛନ୍ତି। ଘଟଣା ଅନୁଯାୟୀ, କୁମ୍ଭାରଲୁଣ୍ଡା ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗ୍ରାମରେ ଥିବା ଜାନିଗାଡିଆ ପୋଖରୀଟିକୁ ମାଛଚାଷ କରିବା ଉଦ୍ଦେଶ୍ୟରେ ଗତବର୍ଷ ନିଲାମ ପାଇଥିଲେ। ଚଳିତବର୍ଷ ମଧ ସେମାନେ ଏହି ପୋଖରୀଟିକୁ ନିଲାମ ନେବା ପାଇଁ ମନସ୍ଥ କରି ବୁଧବାର ସକାଳ ୮ଟାରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସରପଞ୍ଚ ପରିଡାଙ୍କ ସହ ନିଲାମ ନେବା ସମ୍ପର୍କରେ ଆଲୋଚନା କରିଥିଲେ। ହେଲେ ସରପଞ୍ଚ ଉକ୍ତ ଗ୍ରାମରେ ଥିବା ଅନ୍ୟ ୪ଟି ମହିଳା ଗୋଷ୍ଠୀ ସହ ଆଲୋଚନା ପରେ ଆସନ୍ତା ନିଲାମ ଦିବସରେ ଫଇସଲା ହେବ ବୋଲି କହିଥିଲେ। ମାତ୍ର ଏହି ମହିଳା ଏସ୍‌ଏଚ୍‌ଜିର ସଭାନେତ୍ରୀ ମଞ୍ଜୁଲତା ସାହୁ ଓ ସମ୍ପାଦିକା ସବିତା ସାମନ୍ତରାଏଙ୍କ ସମେତ ଅନ୍ୟାନ୍ୟ ସଦସ୍ୟାମାନେ ନିଲାମ ନେବା ପାଇଁ ଜିଦ କରି ଅସଫଳ ହେବାରୁ ଉତ୍ତେଜିତ ହୋଇ ପଞ୍ଚାୟତ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ସୂଚନା ଥାଉକି, ପୋଖରୀ ନିଲାମ ପାଇଁ ୩ଟି ଦିବସ ଯଥା ୧୦/୫, ୧୬/୬ ଓ ୨୮/୬ ତାରିଖ ଧାର୍ଯ୍ୟ ହୋଇ ବିଜ୍ଞପ୍ତି ତଥା ଡେଙ୍ଗୁରା ମାଧ୍ୟମରେ ପଞ୍ଚାୟତବାସୀଙ୍କୁ ଜଣାଇ ଦିଆଯାଇଥିଲା। ତେବେ କରୋନା କାରଣରୁ ୧୦/୫ ତାରିଖରେ ନିଲାମ ହୋଇପାରି ନ ଥିବା ବେଳେ ବୁଧବାର ୧୬/୬ ତାରିଖରେ ନିଲାମ ଅନୁଷ୍ଠିତ ହୋଇ ପଞ୍ଚାୟତ ଅନ୍ତର୍ଗତ ମୋଟ ୨୬ଟି ପୋଖରୀ ମଧ୍ୟରୁ ୧୧ଟି ପୋଖରୀକୁ ନିଲାମ ମାଧ୍ୟମରେ ପ୍ରଦାନ କରାଯାଇଛି। ଅନ୍ୟ ୧୫ଟି ପୋଖରୀ ଆସନ୍ତା ୨୮/୬ ତାରିଖରେ ନିଲାମ ହେବ। ତେବେ ଜୟ ଜଗନ୍ନାଥ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଜାନିଗାଡିଆ ପୋଖରୀଟି ପାଇଁ ନିଲାମ ନେବାକୁ ଚାହୁଁଥିବାବେଳେ ବୁଧବାର ନିଲାମ ଅନୁଷ୍ଠିତ ହୋଇ ନ ଥିବା ସରପଞ୍ଚ ପରିଡ଼ା ପ୍ରକାଶ କରିଛନ୍ତି। ତେବେ ବୋଲଗଡ ଥାନା ପୋଲିସ ପକ୍ଷରୁ ଏସ୍‌ଆଇ ସୁଜାତା ପଲ୍ଲାଇଙ୍କ ସହ ପୋଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରି ପଞ୍ଚାୟତ ତାଲା ଖୋଲି ସରପଞ୍ଚଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ।




କଳାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟକୁ ମହିଳା ଗୋଷ୍ଠୀ ତାଲା ପକାଇ ଧାରଣା ଦେଇଛନ୍ତି।

**ମାଛଚାଷ ପାଇଁ ପଞ୍ଚାୟତ ପୋଖରୀ ନିଲାମ ବିବାଦ**




୧୬।୦୬।୨୦୨୧

୨୦୭୯ ଟଙ୍କା

# ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ୮ ଦ୍ୱାର ରୁପା ଛାଉଣି

ପୁରୀ ଅଫିସ, ୧୬।୬

**ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ**

- ପହଞ୍ଚିସାରିଛି ବର୍ମାଟିକ୍ କାଠ
- ନିୟୋଜିତ ହେବେ ୧୫ କାରିଗର

ଶ୍ରୀମନ୍ଦିରର ୮ ଦ୍ୱାର ରୁପାରେ ଛାଉଣି ହେବ। ସେଥିମଧ୍ୟରେ ୫ଟି ମୁଖ୍ୟ ମନ୍ଦିରର କବାଟ ହୋଇଥିବା ବେଳେ ୩ଟି ପାର୍ଶ୍ୱଦେବଦେବୀ ଯଥା ଆଦିନୃସିଂହ, ମା' ବିମଳା ଏବଂ ମା' ଲକ୍ଷ୍ମୀ ମନ୍ଦିରର କବାଟ ରହିଛି। କବାଟରେ ପାଖାପାଖି ୨ ଟନ ରୁପା ବ୍ୟବହାର କରାଯିବ। ମୁମ୍ବାଇର ଜଣେ ଦାତା ସମସ୍ତ ରୁପା ଦାନସୂତ୍ରରେ ଦେବାକୁ ରାଜି ହୋଇଛନ୍ତି। ରୁପାଦ୍ୱାର ଛାଉଣି ପାଇଁ ୧୩୪୫ କେଜି ରୁପା ଦାନସୂତ୍ରରେ ମିଳିଛି। ପରୀକ୍ଷାମୂଳକ ଭାବେ ପ୍ରଥମେ ତିନିଦ୍ୱାର ରୁପା ଛାଉଣି କରାଯିବ। ଏହାପରେ କଳାହାଟ ଓ ଅନ୍ୟ ୪ ପାର୍ଶ୍ୱଦେବଦେବୀ ମନ୍ଦିରର ରୁପା ଛାଉଣି ହେବ ବୋଲି ବୁଧବାର ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ସୂଚନା ଦେଇଛନ୍ତି।

ମୁଖ୍ୟ ପ୍ରଶାସକ କହିଛନ୍ତି, ପ୍ରଥମେ ଶ୍ରୀମନ୍ଦିରର ୪ଟି ଦ୍ୱାର ରୁପାଛାଉଣି ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ ଜୟବିଜୟ ଦ୍ୱାର ଓ ଭୋଗମଣ୍ଡପ ଘର ରୁପାଛାଉଣି କରାଯିବାକୁ ବୈଠକରେ ସ୍ଥିର ହୋଇଛି। ଏହାର ଡିଜାଇନ ଚୂଡ଼ାନ୍ତ ହୋଇଛି। କବାଟ କାମ ସରିବା ପରେ ରୁପାଛାଉଣି କରାଯିବ। ପ୍ରାୟ ୧୫ଜଣ କାରିଗର ଏହି କାର୍ଯ୍ୟ କରିବେ। ଏଥିପାଇଁ ଆବଶ୍ୟକ ବର୍ମାଟିକ୍ କାଠ ପହଞ୍ଚି ସାରିଛି। କାର୍ଯ୍ୟ ତତ୍ତ୍ୱାବଧାନ ପାଇଁ ଇଞ୍ଜିନିୟର ଓ ସେବାୟତଙ୍କୁ ନେଇ ଦୁଇଟି କମିଟି ଗଠନ କରାଯାଇଛି। ପ୍ରଥମ କମିଟିରେ ଇଞ୍ଜିନିୟରଙ୍କ ସମେତ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତି ଏବଂ ଏଏସଆଇର ଜଣେ ଅଧିକାରୀ ସଦସ୍ୟ ରହିବେ। ୫ରୁ ୬ଜଣଙ୍କୁ ନେଇ କମିଟି ଗଠନ ହେବ। ସେହିପରି ୭ରୁ ୮ ଜଣ ସେବାୟତଙ୍କୁ ନେଇ ଆଉ ଗୋଟିଏ କମିଟି ଗଠନ କରାଯିବ। ମୂଳ ଦ୍ୱାରର ଡିଜାଇନ୍ ଅକ୍ଷୁଣ୍ଣ ରହିବା ସହ ଉତ୍କଳୀୟ କଳା ସ୍ଥାପତ୍ୟର ଡିଜାଇନ୍ ମଧ୍ୟ ସ୍ଥାନ ପାଇବ। ଏଏସ୍ଆଇ ଠାରୁ ଅନୁମତି ଅଣାଯିବା ପରେ ରୁପା ଛାଉଣି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଛନ୍ତି।



**ପୁରୀ:** ଶ୍ରୀଯମେଶ୍ୱର ମହାଦେବଙ୍କୁ ବୁଧବାର ସେବକମାନେ ଗୁଆଲି ଯାତ୍ରାରେ ଶ୍ରୀମନ୍ଦିରକୁ ଦୋହଲରେ ନେଉଛନ୍ତି।

## ରଥଖଳାରୁ

# ତିନି ରଥରେ ଛନ୍ଦା ଗୟଳ ପଡ଼ିଲା



ମହାରଣା ସେବକଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ଏବଂ ଜିଲାପାଳ ସମର୍ଥ ବର୍ମା ରଥ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଆଲୋଚନା କରୁଛନ୍ତି।

ପୁରୀ ଅଫିସ, ୧୬।୬

**କାର୍ଯ୍ୟ ଅନୁଧ୍ୟାନ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ତିନି ରଥରେ ଦୁଇଟି ଲେଖାଏ ପୋଲ ଗୟଳ ପଡ଼ିବା ପରେ ଗରଗରା ଉପରେ ଚାରିନାହାକା ଉଠି ପାର୍ଶ୍ୱ ଗୟଳ ପଡ଼ିଛି। ସେହିପରି ତିନି ରଥର ଦୁଇ ପାର୍ଶ୍ୱରେ ଛନ୍ଦା ଗୟଳ ପଡ଼ିଛି। ଏହି ଛନ୍ଦା ଗୟଳ ରଥର ଦୁଇ ପାର୍ଶ୍ୱ ନିରାଡ଼ି ସହ ସଂଯୋଗ ହୋଇ ଦଣ୍ଡା ଉପରୁ ଖମ୍ବୀ ବା ଟାଣ ଦିଆଯାଇ ଛନ୍ଦା ଗୟଳ ସହ ସଂଯୋଗ ହୋଇଛି। ଦେବଦଳନ ରଥର ଦୁଇ ପାର୍ଶ୍ୱରେ ଦୁଇଟି ଲେଖାଏ ଏବଂ ତାଳଧ୍ୱଜ ଓ ନନ୍ଦିଘୋଷ ରଥର ଦୁଇପାର୍ଶ୍ୱରେ ଗୋଟିଏ ଲେଖାଏ ଛନ୍ଦା ଗୟଳ ପଡ଼ିଛି। ତାଳଧ୍ୱଜ ରଥର ୬ଟି ଛନ୍ଦା ଗୟଳ ମଧ୍ୟରୁ ୩ଟିର ଚଉପଟ କାମ ସରିଛି। ଦେବଦଳନ ଓ ନନ୍ଦିଘୋଷ ରଥର ୪ଟି ଲେଖାଏ ଛନ୍ଦା ଗୟଳର ଚଉପଟ କାମ ସରିଛି। ତିନି ରଥର ମୂଳ ଭୂଇଁ ଚଉତା ୪ଟି ଲେଖାଏ ସାଲ ସରି ବିନ୍ଧ ଶେଷ ହୋଇଛି। ମଝି ଭୂଇଁ ଚଉତା ଏବଂ ଅଗ ଭୂଇଁ ଚଉତା ପାଇଁ କାଠ ଯୋଗାଇ ଦିଆଯାଇଛି। ବୁଧବାର ଚଉପଟ କାମ ଆରମ୍ଭ ହେବ। ପ୍ରତି ରଥର କୋଣ ସେଟିଂ ପାଇଁ ଦେବଦଳନ ରଥର ୫, ତାଳଧ୍ୱଜ ରଥର ୮ ଏବଂ ନନ୍ଦିଘୋଷ ରଥର ୧୧ଟି ଯୋଖା ନିର୍ମାଣ ଶେଷ ହୋଇଛି। ରୂପକାର ସେବକମାନେ ନାଟ ଗୋଡ଼ରେ ରାହୁରୂପ ଖୋଦେଇ ଜାରିରଖିଛନ୍ତି।

## ସଂକ୍ଷେପରେ

### ଜଙ୍ଗଲରେ ପଡ଼ିଥିବା ମୃତଦେହ ଜବତ

**ବ୍ରହ୍ମଗିରି,୧୬।୬(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାହାଜାନପୁର ଜଙ୍ଗଲ ନିକଟରେ ମଙ୍ଗଳବାର ପଡିଥିବା ଏକ ଅଚିହ୍ନା ବୃଦ୍ଧାଙ୍କ ମୃତଦେହକୁ ପୋଲିସ ବୁଧବାର ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସାହାଜାନପୁର ଓ ହାସିନପୁର ଗ୍ରାମ୍ୟ ଜଙ୍ଗଲ ସୀମାନ୍ତ ବଣିଆ ଖୁଆ ଜଙ୍ଗଲ ନିକଟରେ ଏକ ପ୍ରାପ୍ତ ବୟସ୍କାଙ୍କ ମୃତଦେହ ପଡ଼ିଥିବାର ସ୍ଥାନୀୟ ଲୋକେ ଦେଖିଥିଲେ । ଏ ନେଇ ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବୁଧବାର ସକାଳୁ ବ୍ରହ୍ମଗିରି ପୋଲିସ, ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତେବେ ମୃତଦେହଟିର ପରିଚୟ ଜଣାପଡି ନାହିଁ ।

### ତ୍ରିଲୋଚନପୁରରେ ଶିବବିବାହ

**କଣାସ,୧୬।୬(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମର ଆରାଧ ଠାକୁର ବାବା କପିଳେଶ୍ୱର ଦେବଙ୍କ ବିବାହ ଉତ୍ସବ ମଙ୍ଗଳବାର ରାତିରେ ବାବାଙ୍କ ମନ୍ଦିର ପରିସରରେ କୋଭିଡ୍ ନିୟମରେ ଅନୁଷ୍ଠିତ ହୋଇଯାଇଛି। କନ୍ୟାପକ୍ଷରୁ ବ୍ରଜବନ୍ଧୁ ପାଣି ଏବଂ ବରପକ୍ଷରୁ ବ୍ରଜବନ୍ଧୁ ରଥ ବିବାହ ଉତ୍ସବରେ ଯୋଗଦେଇଥିଲେ। ଚଳିତବର୍ଷ କୌଣସି ଜାକଜମକ ଦେଖିବାକୁ ମିଳି ନ ଥିଲା। ବୁଧବାର ଶୀତଳଷଷ୍ଠୀ ଉତ୍ସବ ଉପଲକ୍ଷେ ବାବା କପିଳେଶ୍ୱର ଦେବା ବୃଷଭ ବାହନରେ ଆରୋହଣ କରି ଗ୍ରାମ ପରିକ୍ରମା କରି ଭୋଗ ଖାଇବା ବେଳେ ମା' ପାର୍ବତୀ, ଗ୍ରାମର ଆରାଧା ଠାକୁରାଣୀ ମା' ଦୁର୍ଗା ଦୁଇଟି ସୁସଜ୍ଜିତ ବିମାନରେ ବସି କପିଳେଶ୍ୱର ଦେବଙ୍କ ସହିତ ଗାଁ ପରିକ୍ରମା କରି ବଣପଡ଼ିଆକୁ ଯାଇଥିଲେ। କଟକଣା ଯୋଗୁ ବାଣଯାତ୍ରା ବନ୍ଦ ଥିବାରୁ କେବଳ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ମନ୍ଦିରକୁ ଫେରିଥିଲେ।

### ରାସ୍ତା ଅବସ୍ଥା ଶୋଚନୀୟ



**ବଳଙ୍ଗା,୧୬।୬(ଡି.ଏନ୍.ଏ):** ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଅଧୀନ ନୂଆଁଗା ଗ୍ରାମ କେନାଲ ବନ୍ଧର ସୁନିନ୍ଦାଠାରୁ ଗଡ଼ଚାନ୍ଦପୁର ବ୍ରିଜ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ବନ୍ଧ ପାଖରେ ବାସ କରୁଥିବା ପ୍ରାୟ ୫୦ ପରିବାର ପାଇଁ ଏହା ଏକମାତ୍ର ରାସ୍ତା ହୋଇଥିବା ବେଳେ ଖାଲଖମା ସାଙ୍ଗକୁ କର୍ଦ୍ଦମାକ୍ତ ହୋଇପଡ଼ିଛି। ଅନାବନା ଗୁଳ୍ମରାଜିରେ ମଧ ପରିପୂର୍ଣ୍ଣ ହୋଇଛି। ପିଲାମାନେ ବର୍ଷାଦିନେ ଏହି ରାସ୍ତା ଦେଇ ବିଦ୍ୟାଳୟକୁ ଯାଇପାରୁନାହାନ୍ତି। ସେହିପରି ମୁଖ୍ୟରାସ୍ତା ପର୍ଯ୍ୟନ୍ତ ରୋଗୀଙ୍କୁ ଭାରରେ ବୋହି ଆଣିବାକୁ ପଡୁଛି। ଦୀର୍ଘ ୨୦ ବର୍ଷ ଧରି ରାସ୍ତା ମରାମତି ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଯାତାୟାତରେ ସମସ୍ୟା ଉପୁଜୁଛି। ତୁରନ୍ତ ପକ୍କାରାସ୍ତା ନିର୍ମାଣ ଲାଗି ଗ୍ରାମର ସୁବାସ ଚନ୍ଦ୍ର ଜେନା, ସୁଦର୍ଶନ ଜେନା ଓ ଦିବାକର ସେଠୀ ପ୍ରମୁଖ ଦାବି କରିଛନ୍ତି। ସମ୍ପୃକ୍ତ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ ଚାଲିଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ କୁମାର ମଲ୍ଲିକ କହିଛନ୍ତି।

# କରୋନା ଟିକା ନେବା ପରେ ମୃତ୍ୟୁ

ଗୋପ,୧୬।୬(ଡି.ଏନ୍.ଏ.)

**ପରିବାରକୁ ବ୍ଲକ ପ୍ରଶାସନ ଦେଲା ସହାୟତା**

ଗୋପ ଥାନା ଅଞ୍ଚଳରେ ବୁଧବାର ଜଣେ ବ୍ୟକ୍ତି କରୋନା ଟିକା ନେବା ପରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗୋପ ପଞ୍ଚାୟତ ଅଧୀନ କୁଶୁପୁର ମଠସାହି ଗ୍ରାମର ଗଙ୍ଗାଧର ରାଉତ (୫୮)। ଏହି ଘଟଣା ଅଞ୍ଚଳରେ ଜଣାପଡ଼ିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗଙ୍ଗାଧର କରୋନା ଟିକା ନେବା ଲାଗି ପ୍ରଥମରୁ ଅରାଜି ଥିଲେ। ପରେ ପରିବାର ଲୋକ ବୁଝାଇବା ସହ ବୁଧବାର ଗଙ୍ଗାଧରଙ୍କ ଭାଉଜ ମଞ୍ଜୁଲତା କରୋନା ଟିକା ନେବା ଲାଗି ବାହାରିବା ଦେଖି ସେ ମଧ ଯାଇଥିଲେ। ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଟିକା କେନ୍ଦ୍ରକୁ ପୂର୍ବାହ୍ନ ୧୧ଟାରେ ଉଭୟେ ଆସିଥିଲେ। ପ୍ରଥମେ ଭାଉଜ ମଞ୍ଜୁଲତା ଟିକା ନେବା ପରେ ଗଙ୍ଗାଧର ମଧ ଟିକା ନେଇଥିଲେ। ଟିକା ନେବାର ୫/୬ ମିନିଟ ପରେ ଗଙ୍ଗାଧରଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ଏହା ଦେଖି ମଞ୍ଜୁଲତା ଉପସ୍ଥିତ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ କହିବାରେ ତତ୍କ୍ଷଣାତ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବ ପ୍ରସାଦ ମଙ୍ଗରାଜ ପହଞ୍ଚି ଗଙ୍ଗାଧରଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବା ସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ କରୋନା ପ୍ରତିହତ ଟିକା ଦେବା ସହ ଅକ୍ସିଜେନ ଲଗାଇ ଥିଲେ। ପରେ ଗଙ୍ଗାଧରଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଡାକ୍ତର ଗଙ୍ଗାଧରଙ୍କ ମୃତ୍ୟୁକୁ ସନ୍ଦେହ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ତେବେ କରୋନା ଟିକା ନେବାରୁ ଗଙ୍ଗାଧରଙ୍କ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକ ଅଭିଯୋଗ କରୁଥିବା ବେଳେ ଗୋପ ସରପଞ୍ଚ ସୁଶାନ୍ତ କୁମାର ସ୍ୱାଇଁ ମଧ ଗଙ୍ଗାଧରଙ୍କ ମୃତ୍ୟୁକୁ ନେଇ ସନ୍ଦେହ କରିଛନ୍ତି। ଏ ନେଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଙ୍ଗରାଜ କହିଛନ୍ତି, ଟିକା ନେବା ସମୟରେ ଗଙ୍ଗାଧର ଅଧିକ ମାତ୍ରାରେ ଭୟଭୀତ ହେବାରେ ମୃତ୍ୟୁ ହୋଇଛି। ଅନ୍ୟପଟେ ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟ ଘଟଣା ପଦାକୁ ଆସିବ । ଏଭଳି ମୃତ୍ୟୁକୁ ନେଇ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ସାହାଯ୍ୟ କରିବା ଲାଗି ସରପଞ୍ଚ ସ୍ୱାଇଁ ଦାବି କରିଛନ୍ତି।

# ଅସ୍ତରଙ୍ଗରେ ବିକ୍ରି ହେଉଛି ଭେଜାଲ ସାମଗ୍ରୀ

ଅସ୍ତରଙ୍ଗ,୧୬।୬(ଡି.ଏନ୍.ଏ.)

ଅସ୍ତରଙ୍ଗ ବ୍ଲକରେ କରୋନା କଟକଣାର ସୁଯୋଗ ନେଇ ବହୁ ଅସାଧୁ ବ୍ୟବସାୟୀ ଏବେ ସକ୍ରିୟ ହୋଇଉଠିଛନ୍ତି। ସେମାନେ ଅସ୍ତରଙ୍ଗ ବଜାରରେ ବେଆଇନ ଭାବେ ଗୁଟ୍‌ଖା, ପଲିଥିନ ସହ ଭେଜାଲ ଖାଇବାତେଲ ବିକ୍ରି କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ବ୍ୟବସାୟୀମାନେ ଲୁଚାଛପାରେ ବ୍ୟବସାୟ ଚଳାଇଛନ୍ତି। ପ୍ରଶାସନ ପକ୍ଷରୁ ଯାଞ୍ଚ ଓ ଚଢ଼ାଉ କରାଯାଉ ନ ଥିବାରୁ ଏହି କାରବାର ବୃଦ୍ଧି ପାଇଛି। ଏ ସମ୍ପର୍କରେ ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ କହିଛନ୍ତି, ବେଆଇନ କାରବାର ସମ୍ପର୍କରେ ଆମ ପାଖରେ ତଥ୍ୟ ରହିଛି, କିନ୍ତୁ ଅଧିକାରୀମାନେ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଯାଞ୍ଚ କରାଯାଇପାରୁନାହିଁ। ଖୁବଶୀଘ୍ର ଚଢ଼ାଉ କରାଯିବ। ଅନ୍ୟ ପକ୍ଷରେ ଭେଭାଲ ଖାଇବାତେଲ ବୋତଲରେ ବିଭିନ୍ନ ଅସଲି କମ୍ପାନୀର ଲୋଗୋ ଲଗାଇ ବଜାରରେ ବିକ୍ରି କରାଯାଉଥିବାରୁ ଏହାକୁ ବ୍ୟବହାର କରି ଲୋକେ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ତେଣୁ ଜିଲାପାଳ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁଦାବିହେଉଛି।

# ଅସୁସ୍ଥ ଖବରଦାତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା

ସାକ୍ଷୀଗୋପାଳ,୧୬।୬(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକର ବୟୋଜ୍ୟେଷ୍ଠ ଅସୁସ୍ଥ ଖବରଦାତା ସତ୍ୟ ନାରାୟଣ ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବୁଧବାର ସତ୍ୟବାଦୀ ବିଡିଓ କ୍ଷୀରୋଦ କୁମାର ବେହେରା ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ସେକସାହି ଗ୍ରାମରେ ଖବରଦାତା ମହାପାତ୍ରଙ୍କ ବାସଭାବନକୁ ଯାଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ୧୦ ହଜାର ଟଙ୍କାର ସହାୟତା ରାଶି ବ୍ୟାଙ୍କଚେକ ଦେଇଥିଲେ। ଏ ନେଇ ମହାପାତ୍ର ପ୍ରଶାସନକୁ ଧନ୍ୟବାଦ ଜଣାଇବା ସହିତ ଜିଲା କୋଭିଡ୍ କେୟାର ଗ୍ରୁପ୍‌କୁ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶଥାଉକି କୋଭିଡ୍ ସମୟରେ ଖବରଦାତାମାନଙ୍କ ଅବସ୍ଥା ଓ ଜରୁରୀ ଆବଶ୍ୟକତା କ୍ଷେତ୍ରରେ ସହଯୋଗ ଲକ୍ଷ୍ୟ ନେଇ ପୁରୀ ଜର୍ନାଲିଷ୍ଟ କୋଭିଡ୍ ଗ୍ରୁପ୍‌ର ଖବରଦାତାମାନେ ମହାପାତ୍ରଙ୍କୁ ଭେଟି ଭଲମନ୍ଦ ବୁଝିବା ସହ ସହାୟତା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ।

# ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ ନୀତି

ପୁରୀ ଅଫିସ, ୧୬।୬

ଶ୍ରୀମନ୍ଦିରରେ ବୁଧବାର ଶୀତଳଷଷ୍ଠୀ ନୀତି ପାଳିତ ହୋଇଯାଇଛି। ଏଥିପାଇଁ ସ୍ୱତନ୍ତ୍ର ନୀତି ହୋଇଥିଲା। ସନ୍ଧ୍ୟାଧୂପ ପରେ ଶ୍ରୀଦୋଳଗୋବିନ୍ଦ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଖଟଶେଯ ଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ି ମଇଲମ, ଆଳଟଲାଗି, ପଣାଭୋଗ, ଚନ୍ଦନଲାଗି ହୋଇ ବଡସିଂହାର ଭୋଗ ହୋଇଥିଲା। ପଞ୍ଚମହାଦେବ ଶ୍ରୀମନ୍ଦିରକୁ ବିଜେ କରି ଆଜ୍ଞାମାଳ ପାଇ ନ ଥିବାରୁ ମହାପଭୁଙ୍କ ପହୁଡ଼ ନୀତି ହୋଇ ନ ଥିଲା। ପରମ୍ପରା ଅନୁଯାୟୀ, ଶୀତଳ ଷଷ୍ଠୀ ଅବସରରେ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକାଳମୋଚନ, ଶ୍ରୀନୀଳକଣ୍ଠଙ୍କ ସହ ମା' ପାର୍ବତୀଙ୍କ ବିବାହ ପରେ ଦେବ ଦମ୍ପତିଙ୍କ ଗୁଆଲି ଯାତ୍ରା ଅନୁଷ୍ଠିତ ହୋଇଥାଏ। ନବ ବିବାହିତ ଦେବ ଦମ୍ପତିଙ୍କ ନଗର ପରିକ୍ରମା କରିବାକୁ ଗୁଆଲି ଯାତ୍ରା କୁହାଯାଏ। ପଞ୍ଚ ମହାଦେବ ପାର୍ବତୀଙ୍କୁ ନେଇ ବାହନ ବୃଷଭ ଉପରେ ବସି ନଗର ପରିକ୍ରମା କରିଥିଲେ । ତେବେ ପଞ୍ଚମହାଦେବଙ୍କ ମଧ୍ୟରେ ଅଗ୍ରଜ ଶ୍ରୀଯମେଶ୍ୱର ମହାଦେବ ଏକ ରଥାକୃତ ପାଲିଙ୍କିରେ ବସି ନଗର ପରିକ୍ରମା କରିଥିଲେ। ଯାହାକୁ ଦୋହଲ କୁହାଯାଏ। ପଞ୍ଚମହାଦେବ ନଗର ପରିକ୍ରମା କରି ପନ୍ତି ମଣୋହି ହୋଇ ଶ୍ରୀମନ୍ଦିରର ଜଗମୋହନରେ ବିଜେ କରିଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଦେବଦମ୍ପତିଙ୍କୁ ପ୍ରଦାନ କରିଥିଲେ। ପରେ ମହାଲକ୍ଷ୍ମୀଙ୍କ ଜଗମୋହନରେ ବିଜେ କରିଥିଲେ। ସେଠାରେ ପଞ୍ଚମହାଦେବଙ୍କ ଗୁଣ୍ଠା ଫିଟାଯାଇଥିଲା । ପରେ ଖଟଶେଯ ଉପରକୁ ବିଜେ କରିଥିଲେ। ସରଘରୁ ଶୀତଳ ଭୋଗ ଛେକ ଆସିଥିଲା ପ୍ରସାଦ ଲାଗିପରେ ପଞ୍ଚଉପଚାର ବିଧିରେ ୧୧ ପନ୍ତି ଭୋଗ ମଣୋହୀ କରାଯାଇଥିଲା। ବନ୍ଦାପନା ହୋଇ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିଥିଲେ।

# ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ

ପୁରୀ ଅଫିସ,୧୬।୬

ପବିତ୍ର ଶୀତଳଷଷ୍ଠୀ ଅବସରରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ତୃତୀୟ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହୋଇଛି। ଏଥିଲାଗି ସ୍ୱତନ୍ତ୍ର ନୀତିକାନ୍ତି ହୋଇଥିଲା। ମଙ୍ଗଳ ଆଳତି, ମଇଲମ, ଅବକାଶ ପୂଜା ପରେ ଅନ୍ୟାନ୍ୟ ନୀତି ହୋଇ ମହାପ୍ରଭୁଙ୍କ ବେଶ ବଢିଥିଲା। ପରେ ଯାତ ଭୋଗ ହୋଇଥିଲା। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଏବଂ ମା' ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଶ୍ରୀଦେବୀ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହାତରେ ପାଲିଙ୍କିକୁ ବିଜେ ହୋଇଥିଲେ। ପରେ ନୃସିଂହ ମନ୍ଦିର ପଛପଟେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ। ପରେ ମୁଦିରସ୍ତ ଠାକୁର ଓ ଠାକୁରାଣୀଙ୍କୁ ପ୍ରସାସ ଲାଗି କରିଥିଲେ। ନୀତି ସମ୍ପନ୍ନ ପରେ ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହୀ କରାଯାଇଥିଲା। ଠାକୁର, ଠାକୁରାଣୀଙ୍କୁ ଜଳ ମଧ୍ୟରୁ ଅଣାଯାଇ ଶ୍ରୀଅଙ୍ଗ ପୋଛାଯିବା ସହ ମଇଲମ କରାଯାଇଥିଲା। ମାଳଫୁଲ ଲାଗି ବେଶ ବଢିବା ପରେ ବନ୍ଦାପନା ନୀତି ହୋଇଥିଲା। ଠାକୁର ଓ ଠାକୁରାଣୀ ପାଲିଙ୍କିରେ ବାହୁଡ଼ା ବିଜେ କରିଥିଲେ।

# ରାଶନ କାର୍ଡ ଲାଗି ଟଙ୍କା ଆଦାୟ ଘଟଣାର ତଦନ୍ତ

ଗୋପ,୧୬।୬(ଡି.ଏନ୍.ଏ.)

ଗୋପ ବ୍ଲକର ବେଦପୁର ପଞ୍ଚାୟତରେ ରାଶନ କାର୍ଡରେ କାର୍ଡ ପିଛା ୪୦ ଟଙ୍କା ଆଦାୟ ହେଉଥିବା ନେଇ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ବିଭାଗ ମନ୍ତ୍ରୀଙ୍କୁ ଅଭିଯୋଗ ହୋଇଥିଲା। ଘଟଣା ବିଷୟରେ ବିଡିଓ ଦୀପ୍ତିରାଣୀ ଦାସ ଜାଣି ସମ୍ପୃକ୍ତ ମହିଳା ଗୋଷ୍ଠୀକୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପରେ ଗୋଷ୍ଠୀ ପକ୍ଷରୁ ମଧ ଉତ୍ତର ଦିଆଯାଇଥିଲା। ହେଲେ ପରେ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ବିଭାଗ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଆସିବା ପରେ ବୁଧବାର ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଦୀପ କୁମାର ସେଠୀ ଏହି ପଞ୍ଚାୟତରେ ପହଞ୍ଚି ତଦନ୍ତ କରିବା ସହ ହିତାଧିକାରୀଙ୍କ ଅଡିଓ ରେକର୍ଡ କରାଯାଇଛି। ଏହି ପଞ୍ଚାୟତରେ ଥିବା ୧୨୩୦ଜଣ ହିତାଧିକାରୀଙ୍କୁ ଯୋଗାଣ ସାମଗ୍ରୀ ବଣ୍ଟନ ପାଇଁ ପଞ୍ଚାୟତର ମା ଜାଗୁଳାଇ ମହିଳା ଗୋଷ୍ଠୀ କିଛି ବର୍ଷ ବଣ୍ଟନ ଦାୟିତ୍ୱ ନେଇଛନ୍ତି। ହେଲେ ଏହି ଗୋଷ୍ଠୀ ନୂଆକାର୍ଡ ଦେବା ପାଇଁ ଗୋଟିଏ କାର୍ଡ ପିଛା ୪୦ ଟଙ୍କା ଆଦାୟ କରିବା ଅଭିଯୋଗ ଆସିଥିଲା।



ପୁରୀ ମାର୍କଣ୍ଡେଶ୍ୱର ସାହିର ବିଶ୍ୱରୂପା ପଟ୍ଟନାୟକଙ୍କ ଦ୍ୱାରା କାଗଜରେ ପ୍ରସ୍ତୁତ ପିଠାପଣା।

# ଲୁଣା ନଦୀ ଖନନ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

କଣାସ,୧୬।୬(ଡି.ଏନ.ଏ/ସ୍ୱ.ପ୍ର.)

- ମୁନିନ୍ଦାରୁ ନାଗଣ ଯାଏ ଖନନ ପାଇଁ ୧୫ କୋଟି ଖର୍ଚ୍ଚ
- ଦୟାନଦୀରେ ବ୍ୟାରେଜ ନିର୍ମାଣ ପାଇଁ ସ୍ଥାନ ଦେଖିଲେ

ଲୁଣା ନଦୀ ଖନନ କାର୍ଯ୍ୟ ଚାଲିଥିବାବେଳେ ବୁଧବାର ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ବିଭାଗୀୟ ଅଧିକାରୀ ପରିଦର୍ଶନରେ ଆସି କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୁନିନ୍ଦାଠାରୁ ନାଗଣ ପର୍ଯ୍ୟନ୍ତ ଚାଷୀମାନଙ୍କର ଦୀର୍ଘଦିନର ଦାବି ପୂରଣ ପାଇଁ ନଦୀ ଖନନ ବ୍ୟବସ୍ଥା ହୋଇଥିବାରୁ ଡେଲାଙ୍ଗ ଓ କଣାସ ବ୍ଲକର ପ୍ରାୟ ୮ଟି ପଞ୍ଚାୟତର ଚାଷୀମାନେ ଏକାଠି ହୋଇଥିଲେ। ଏ ନେଇ ସ୍ଥାନୀୟ ଜଙ୍ଘାର ପ୍ରାଥମିକ ବିଦ୍ୟାଳୟରେ ବିଧାୟକ ସାମନ୍ତରାୟଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଖନନ କାର୍ଯ୍ୟର ସ୍ୱଚ୍ଛତା ପାଇଁ ବିଧାୟକଙ୍କ ପରାମର୍ଶରେ ଆଞ୍ଚଳିକ ଚାଷୀ କମିଟି ଗଠନ କରାଯାଇଛି। ପ୍ରତି ଗ୍ରାମରୁ ୨ଜଣ ଲେଖାଏ ଏହି କମିଟିରେ ସଦସ୍ୟ ରହିଛନ୍ତି। ଲୁଣାକୁ ସମ୍ପୂର୍ଣ୍ଣ ଦଳମୁକ୍ତ କରାଯାଇ ଚାଷୀଙ୍କୁ ସୁରକ୍ଷା ଦିଆଯିବ ବୋଲି ବିଧାୟକ କହିଥିଲେ। ପରେ ନାଗଣଠାରୁ କରମଳା ଦେଇ ବଡଗୋଠ ପର୍ଯ୍ୟନ୍ତ ନଦୀ ଖନନ ହେବ, ଏଥିପାଇଁ ପ୍ରାୟ ୩୫କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବିଧାୟକ କହିଥିଲେ। ଲୁଣା ନଦୀ ଖନନ ୨ଟି ପର୍ଯ୍ୟାୟରେ କରାଯିବ। ନାଗଣରୁ ମୁନିନ୍ଦା ଯାଏ (୧୦କିମି) ନଦୀ ଖନନ ପାଇଁ ୧୫ କୋଟି ୨୧ ଲକ୍ଷ ୭୮ହଜାର ୯୫୨ ଟଙ୍କା ମଞ୍ଜୁର ହୋଇଛି। ମୁନିନ୍ଦାଠାରୁ ଜୁଇଲୁଣ୍ଡା ପର୍ଯ୍ୟନ୍ତ ୪ କୋଟି, ଜୁଇଲୁଣ୍ଡାଠାରୁ ନାଗଣ ପର୍ଯ୍ୟନ୍ତ ୧୦ କୋଟି ଖର୍ଚ୍ଚ କରାଯିବ। ନଦୀ ଖନନ ୪୦ ମିଟର ଚଉଡା ଓ ୨ ମିଟର ଗଭୀରରେ କରାଯିବ ବୋଲି ବିଧାୟକ କହିଥିଲେ।



କାର୍ଯ୍ୟକ୍ରମରେ ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ଅଧିକାରୀମାନେ।

ବୈଠକରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭଗବାନ ଦାଶ, ଯନ୍ତ୍ରୀ ସନ୍ତୋଷ ସ୍ୱାଇଁ, ସହକାରୀ ଯନ୍ତ୍ରୀ ଦେବାଶିଷ ଷଡ଼ଙ୍ଗୀ, ପ୍ରଦୀପ ଜେନା, ଓସିସି ପରିଚାଳକ କେଶରୀ ଚନ୍ଦ୍ର ଦାସ, ଯନ୍ତ୍ରୀ ସଞ୍ଜୟ ପଣ୍ଡାଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ଡେଲାଙ୍ଗ ଓ କଣାସ ବ୍ଲକର ବିଭିନ୍ନ ଚାଷୀମାନେ ଉପସ୍ଥିତ ଥିଲେ। ପରେ ବିଧାୟକ ସାମନ୍ତରାୟ ଓ ଜଳ ସମ୍ପଦ ଉଚ୍ଚସ୍ତରୀୟ ଟିମ୍ କଣାସ ବ୍ଲକ ଗଡ଼ସାହି ପଞ୍ଚାୟତ ବେଣାଗାଁ ନିକଟରେ ହେବାକୁ ଥିବା ଏକ ବ୍ୟାରେଜ ନିର୍ମାଣ ପାଇଁ ସ୍ଥାନ ବୁଲି ଦେଖିଛନ୍ତି। କଣାସ ସହ ସତ୍ୟବାଦୀ ଓ ବ୍ରହ୍ମଗିରି ବ୍ଲକର ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଦୟା ନଦୀରେ ଏହି ବ୍ୟାରେଜ ନିର୍ମାଣ ହେବ। ଏଥିପାଇଁ ୨୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ମେଗା ପାନୀୟ ପ୍ରକଳ୍ପ ହେବ। ଏହି ପ୍ରକଳ୍ପ ହେଲେ ଉପରୋକ୍ତ ୩ଟି ବ୍ଲକର ୪ ଲକ୍ଷ ଲୋକ ଦୈନିକ ୭୦ଲି. ଲେଖାଏ ପାନୀୟ ଜଳ ପାଇବେ। ଏଥିସହ ବୋତଲମାଠାରୁ ତିରୁମଲ ପର୍ଯ୍ୟନ୍ତ ଦୟାନଦୀ ଶଯ୍ୟାକୁ ଖନନ କରାଯିବା ପାଇଁ ବିଧାୟକ ସାମନ୍ତରାୟ କହିଥିଲେ। ଏହି ସମୟରେ ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ, ମୁଖ୍ୟ ଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି, ଜିଲା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ ଦାଶ, ସହକାରୀଯନ୍ତ୍ରୀ ମକର ବେହେରାଙ୍କ ସହିତ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

# ଗୋପରେ ବିନା ଲାଇସେନ୍ସ, ନକଲି ଔଷଧ କାରବାର

ଗୋପ,୧୬।୬(ଡି.ଏନ୍.ଏ.)

ଗୋପ ବ୍ଲକ ଅଞ୍ଚଳରେ ଔଷଧ ଦୋକାନୀ ରୋଗୀମାନଙ୍କୁ ନକଲି ଔଷଧ ଦେବା ଭଳି ଅଭିଯୋଗ ହୋଇଛି। ଏନେଇ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସଂକ୍ରମିତ ଏବେ ଗ୍ରାମାଞ୍ଚଳରେ ଅଧିକ ଦେଖାଯାଉଛି । ଫଳରେ ଗାଁ ଗହଳିର ଲୋକମାନେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧିକାଂଶ ସମୟ ଆସିବା ସହ ଔଷଧ ଦୋକାନକୁ ଔଷଧ କିଣିବାକୁ ଯାଉଛନ୍ତି। ଏହାର ସୁଯୋଗ ନେଇ ଔଷଧ ଦୋକାନୀମାନେ ଗାଁ ଲୋକଙ୍କୁ ନକଲି ଔଷଧ ଦେଉଥିବା ଭଳି ଅଭିଯୋଗ ହୋଇଛି। ଫଳରେ ରୋଗୀମାନେ ସୁସ୍ଥ ହେବା ବଦଳରେ ଅଧିକ ଅସୁସ୍ଥ ହେଉଛନ୍ତି। ଏଥିସହ ଦୋକାନୀମାନେ ଔଷଧ କିଣୁଥିବା ଲୋକମାନଙ୍କଠାରୁ ଅଧିକ ମାତ୍ରାରେ ଟଙ୍କା ମଧ୍ୟ ନେଉଛନ୍ତି। ଅପରପକ୍ଷେ ଗୋପ, ନାଗପୁର, ପଲ୍ଲିଛକ, ନୟାହାଟ, କୋଣାର୍କ, ବେଗୁନିଆ, ଗଣେଶ୍ୱରପୁର, ସୁବର୍ଣ୍ଣପୁର ସହିତ ଅନ୍ୟ କେତେକ ସ୍ଥାନରେ ବିନା ଲାଇସେନ୍ସରେ ଔଷଧ ଦୋକାନ ଖୋଲାଯାଇଥିବା ବେଳେ କେତେକ ପୁରୁଣା ଦୋକାନୀ ଲାଇସେନ୍ସ ରିନ୍ୟୁ କରି ନ ଥିବା ଜଣାପଡ଼ିଛି । ଜିଲା ଡ୍ରଗ୍ସ ଇନ୍ସପେକ୍ଟର ସତ୍ୟବ୍ରତ ଗିରି ଅଧିକାଂଶ ସମୟରେ ଚଢ଼ାଉ କରିବାକୁ ଆସିବା ଖବର ଜଣାପଡ଼ିବା ପରେ ଦୋକାନୀମାନେ ଔଷଧ ଦୋକାନ ବନ୍ଦ କରି ଦେଉଛନ୍ତି। ଏ ନେଇ ଗୋପ ଔଷଧ ଦୋକାନ ସଂଘ ସଭାପତି ମହେନ୍ଦ୍ର ବେହେରାଙ୍କୁ ପଚାରିବାରେ ଏପରି ଅଭିଯୋଗକୁ ମନା କରିଥିବା ବେଳେ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ସତ୍ୟବ୍ରତ ଗିରି ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।